بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ
Weekly BADAR Qadian
Odia

ସଂଖ୍ୟା: 15
ବାର୍ଷିକ ଦେୟ : 600/-

www.akhbarbadr.in

24 ରମଜାନ 1445 ହି.କ 11 ଶାହାଦତ୍ 1403 ହି.ଶ, 11 April -2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

وَعَدَ اللّٰہُ الۡمُؤۡمِنِیۡنَ وَالۡمُؤۡمِنٰتِ
جَنّٰتٍ تَجۡرِیۡ مِنۡ تَحۡتِہَا الۡاَنۡہٰرُ
خٰلِدِیۡنَ فِیۡہَا وَمَسٰکِنَ طَیِّبَۃً فِیۡ
جَنّٰتِ عَدۡنٍ ؕ وَرِضۡوَانٌ مِّنَ اللّٰہِ اَکۡبَرُ ؕ
ذٰلِکَ ہُوَ الۡفَوۡزُ الۡعَظِیۡمُ

**(ଅତ୍ ତୌବା-72)**

ଅନୁବାଦ : ଅଲ୍ଲାଃତାଲା ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରୀଣୀ ନାରୀମାନଙ୍କୁ ଏପରି ବୈକୁଣ୍ଠ ସଂକ୍ରାନ୍ତରେ ଅଙ୍ଗୀକାର କରିଛନ୍ତି ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ ଯେଉଁଠାରେ ସେମାନେ ସର୍ବଦା ରହିବେ ଏବଂ ଚି-ରସ୍ଥାୟୀ ବୈକୁଣ୍ଠ ମଧ୍ୟରେ ପବିତ୍ର ଗୃହ ଥିବ ଏବଂ ଏତଦଭିନ୍ନ ଅଲ୍ଲାଃତାଲାଙ୍କର ସନ୍ତୋଷଭାଜନ ହେବା ଏକ ସର୍ବୋତ୍କୃଷ୍ଟ ପୁରସ୍କାରଅଟେ ଯାହା ସେମାନଙ୍କୁ ମିଳିବ ଏବଂ ଏହାକୁ ଲାଭ କରିବା ଏକ ମହାନ୍ ସଫଳତା ଅଟେ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ ସ.ଅଙ୍କ ବାଣୀ

### (ଚନ୍ଦ୍ର ଦେଖି ରୋଜା (ଓଷା) ରଖ ଓ ଚନ୍ଦ୍ର ଦେଖି ରୋଜା ଇଫ୍‌ତାରୀ କର)

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ତୁମେ ଚନ୍ଦ୍ର ଦେଖି ରୋଜା (ଓଷା) ରଖ ଏବଂ ଚନ୍ଦ୍ର ଦେଖି ରୋଜା ଇଫ୍‌ତାରୀ କର। ଅର୍ଥାତ୍ ଇଦ୍ ପାଳନ କର । ଯଦି କୁହୁଡ଼ି କିମ୍ବା ଆକାଶ ମେଘାଛନ୍ନ ଥିବା ହେତୁ 29 ତାରିଖ ଦିନ ଚନ୍ଦ୍ର ନଦେଖି ପାର (କିମ୍ବା ଚନ୍ଦ୍ର ସେଦିନ ଦୃଶ୍ୟମାନ ନହୁଏ) ତେବେ ଶାବାନ୍ ଏବଂ ସେହିପରି ରମଜାନ ମାସର 30 ଦିନ (ରୋଜା) ପୂର୍ଣ୍ଣ କର । **(ବୁଖାରୀ, କିତାବୁସ୍ ସୌମ୍, ବାବ୍ କୌଲୁନ୍ ନବୀ ସ.ଅ, ଇଜା ରଐତୁମୁଲ୍ ହିଲାଲା ଫସୁମୁ)**

### (ଶୱାଲ୍ ମାସର ରୋଜା)

ହ. ଅବୁ ଅବୁ ଅୟୁବ ଅନ୍‌ସାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ରମ୍‌ଜାନ ମାସ ପରେ ରୋଜା ରଖେ ଏବଂ ଏହାପରେ (ଇଦ୍ ଦିନ ଛାଡ଼ି) ଶୱାଲ ମାସର ମଧ ଚେଟି ରୋଜା ରଖେ ତେବେ ତା'କୁ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଯେପରିକି ସେହି ବ୍ୟକ୍ତି ଜଣକ ବର୍ଷ ତମାମ ରୋଜା ରଖିଥିଲା। (କାରଣ ଗୋଟିଏ ଓଷାର ଦଶଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ) **(ମୁସ୍‌ଲିମ୍ କିତାବୁସ୍ ସୌମ୍, ବାବ୍-ଇସ୍ତିହ୍‌ବାବ୍ ସୌମି ସିତ୍ତା ଅୟ୍ୟାମମ୍ ମିନ୍ ଶୱାଲ୍)**

## ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା)ଅ.ବଙ୍କ ନୀତିବାଣୀ

ଏକଥା ମନେରଖିବା ଉଚିତ୍ ଯେ, ଇଦି ଦିନ୍ ତ' ସର୍ବାଧିକ ଉପାସନାର ଦିନ ଅଟେ । ସାଧାରଣ ଦିନରେ କେବଳ ପାଞ୍ଚବେଳା ନମାଜ ପାଠ କରିବା ବାଧ୍ୟତାମୂଳକ ଅଟେ । କିନ୍ତୁ ଇଦ୍ ଦିନ 6 ବେଳା ନମାଜ ପାଠ କରିବା ବାଧ୍ୟତାମୂଳକ ଅଟେ ।

**ଏହି ପ୍ରତିଜ୍ଞା କରିବା ଉଚିତ୍ ଯେ, ମୁଁ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ନିରନ୍ତର ଉଦ୍ୟମ କରିବା ସଙ୍ଗେସଙ୍ଗେ ଭକ୍ତମାନଙ୍କର ଅଧିକାର ମଧ ସମ୍ପଦାନ କରିବା ପ୍ରତି ଉଦ୍ୟମ କରୁଥିବି । ତେବେଯାଇ ଆମମାନଙ୍କର ଇଦ୍ ପର୍ବ ପ୍ରକୃତ ଇଦ୍ ପର୍ବ ରୂପେ ବିବେଚିତ ହୋଇପାରିବ ।**

ରମ୍‌ଜାନ ମାସ ସମାପ୍ତ ହେବା ଏବଂ ଇଦ୍ ପର୍ବ ପାଳନ କରିବାକୁ ଆମେମାନେ ନିଜର ଉପାସନାରୁ ଛୁଟି (ବିରତି) ନେବା କିମ୍ବା ସଂପୂର୍ଣ୍ଣ ଉପାସନା ନକରିବାର ଅନୁମତି ପତ୍ର ବୁଝିନେବା ଉଚିତ୍ ନୁହଁ । ଏହି ଉପାସନା ହିଁ ଆମମାନଙ୍କର ସାଂସାରିକ (ଇହକାଳ) ଏବଂ ପରକାଳର ଜୀବନରେ ଅଲ୍ଲାଃତାଲାଙ୍କର କୃପାର ଉତ୍ତରାଧିକାରୀ ହେବା ନିମନ୍ତେ ପ୍ରତିଭୂ ସାବ୍ୟସ୍ତ ହେବ ।

ଅଲ୍ଲାଃତାଲା ଆମମାନଙ୍କୁ ଆଜି ଇଦ୍ ପର୍ବ ପାଳନ କରିବା ନିମନ୍ତେ ସାମର୍ଥ୍ୟ ପ୍ରାଦନ କରୁଛନ୍ତି। କିନ୍ତୁ ଜଣେ ବିଶ୍ୱାସକାରୀ ପାଇଁ ପ୍ରକୃତ ଇଦ୍ ଏହା ନୁହେଁ ଯେ, ସେ ଭଲ ପୋଷାକ ପିନ୍ଧି ନେଲା, ସୁଖାଦ୍ୟ ଖାଇ ନେଲା, ସାଙ୍ଗସାଥିଙ୍କ ମେଳରେ ବସି ଗାଲଗପରେ ନିଜର ସମୟ ଅତିବାହିତ କରୁ । ଇଦ୍ ନମାଜ ପାଠ କରିନେବା ପରେ ଏହା ମନେ କରିନେଲା କି ବର୍ତ୍ତମାନ ଇଦର କର୍ତ୍ତବ୍ୟ ତ' ସମ୍ପାଦନ ହୋଇଗଲା ତେଣୁ ବର୍ତ୍ତମାନ ଖୋଲା ସ୍ୱାଧୀନତା ରହିଛି ଯାହା ଚାହିଁବି ତାହା କରିବି । ନା ସେଦିନ ଯଥା ସମୟରେ ନମାଜ ଜୁହର ପାଠ କରିବା ପ୍ରତି ମନରେ ବିଚାର ଆସିଲା, ନା ଅସର୍ ନମାଜ ପାଠ କରିବା ପ୍ରତି ମନରେ ବିଚାର ଆସିଲା, ନା ଅନ୍ୟ ନମାଜ ପାଠ କରିବା ପ୍ରତି ମନରେ କୌଣସି ବିଚାର ଆସିଲା ଯଦିବି ବିଚାର ଆସିଲା ତେବେ ଶୀଘ୍ର ଶୀଘ୍ର ନମାଜ ଜମା (ଦୁଇଟି ନମାଜକୁ ଏକତ୍ର ଭାବରେ ପାଠ କରିବା) ପାଠ କରିନେଲା ତାହା ନୁହେଁ ବରଂ କେତେକ ବ୍ୟକ୍ତିମାନେ ତ' ଇଦ୍ ଦିନ ଇଦ୍ ନମାଜ ପାଠ କରନ୍ତି ନାହିଁ ଏବଂ ଯେତେବେଳେ ଇଦ୍ ନମାଜ ଶେଷ ହୋଇଯାଏ ସେତେବେଳେ ଆରାମ ସେ ଉଠି ପ୍ରସ୍ତୁତ ହୋଇ ଇଦ୍ ଦିନର ଅନ୍ୟ ଆନନ୍ଦ ଏବଂ ଉଲ୍ଲାସ ତଥା ମଉଜ ମଜ୍‌ଲିସରେ ମାତି ନିମଜ୍ଜିତ ହୋଇଯାଆନ୍ତି । ଯେପରିକି ଏହା ହିଁ ଇଦ୍ ପର୍ବର ଉଦ୍ଦେଶ୍ୟ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି କଥା ମୁଁ କେବଳ କହିବା ପାଇଁ କହୁ ନାହିଁ । ବରଂ ମୁଁ ଏପରି ବ୍ୟକ୍ତିମାନଙ୍କୁ ମଧ ଦେଖିଛି ଯେଉଁମାନେ ଇଦ୍ ନମାଜ୍ ପାଠ କରନ୍ତି ନାହିଁ ଏବଂ କହି ଦିଅନ୍ତି ଯେ, ଆମେ ଶୋଇ ପଡ଼ିଥିଲୁ ଅବା ଆମର ଆଖି ଲାଗିଯାଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଇଦ୍ ଦିନଟି ଅଧିକ ଉପାସନାର ଦିନ ରୂପେ ବିବେଚିତ । କାରଣ ସାମାନ୍ୟ ଦିନରେ ପାଞ୍ଚବେଳା ନମାଜ ପାଠ କରିବା ବାଧ୍ୟତାମୂଳକ ଥିବା ବେଳେ ଇଦ୍ ଦିନ ୬ ବେଳା ନମାଜ ପାଠ କରିବାକୁ ପଡ଼ିଥାଏ । ଏପର୍ଯ୍ୟନ୍ତକି ମହିଳାମାନଙ୍କୁ ଯଦିଚ ସେମାନଙ୍କ ଅସୁଚ (ଋତୁସ୍ରାବ) ଦିନମାନଙ୍କରେ ନମାଜ ପାଠ ନକରିବା ପାଇଁ କୋହଳ କରାଯାଇଛି କିନ୍ତୁ ଏହି

ଦିନରେ (ଇଦ୍ ଦିନ) ମଧ୍ୟ ଇଦ୍‌ଗାହ୍ ଯିବା ନିମନ୍ତେ ଆଦେଶ ଦିଆଯାଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇଦ୍ କହିଲେ କେବଳ ଏକ ଉତ୍ସବ ପାଳନ କରିବାକୁ ବୁଝାଏ ନାହିଁ। ବରଂ ଉକ୍ତ ଦିନରେ ଅଲ୍ଲାଃତାଲା ଆମମାନଙ୍କ ଉପରେ ଯେଉଁ ଗୁରୁଦାୟିତ୍ୱ ନ୍ୟସ୍ତ କରିଛନ୍ତି ସେହି ଦାୟିତ୍ୱାବଳୀକୁ ସାମାନ୍ୟ ଦିନ ଠାରୁ ଅଧିକ ଭାବରେ ସମ୍ପାଦନ କରିବା ନିତ୍ୟାନ୍ତ ଆବଶ୍ୟକ ଅଟେ । ଏହି ଦିନ ପ୍ରଭୁଙ୍କ କର୍ତ୍ତବ୍ୟ (ଅଧିକାର) ସମ୍ପାଦନ କରିବା ସଙ୍ଗେସଙ୍ଗେ ଭକ୍ତମାନଙ୍କର କର୍ତ୍ତବ୍ୟ (ଅଧିକାର) ସମ୍ପାଦନ କରିବା ପ୍ରତ୍ୟେକ ବିଶ୍ୱାସକାରୀର କର୍ତ୍ତବ୍ୟ ଅଟେ । ତେଣୁ ଏହାକୁ ଯଥାସାଧ୍ୟ ସମ୍ପାଦନ କରିବା ଉଚିତ ।

ସୁତରାଂ ଏହି ପ୍ରକାରର ଇଦ୍ ପ୍ରାପ୍ତ କରିବା ପାଇଁ ସର୍ବଦା ଆମେମାନଙ୍କର ପ୍ରୟାସ ରହିବା ଉଚିତ । ଅଲ୍ଲାଃତାଲା ଉପରୋକ୍ତ କର୍ତ୍ତବ୍ୟ ଦ୍ୱୟ ସମ୍ପଦାନ କରିବା ପ୍ରତି ପବିତ୍ର କୁରଆନ୍‌ରେ ଅନେକ ସ୍ଥାନରେ ସ୍ମରଣ କରାଇଛନ୍ତି । ଅତଏବ ଆଜି ଆମେମାନେ ଯଦି ଏହି ଶପଥ ନେଇ ଉକ୍ତ କର୍ତ୍ତବ୍ୟ ଦ୍ୱୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଦେଉ, ଅର୍ଥାତ ଭବିଷ୍ୟତରେ ଆମେମମାନେ ଏଗୁଡ଼ିକୁ ନିଜ ଜୀବନର ଅଭିନ୍ନ ଅଙ୍ଗ ରୂପେ ବରଣ କରିନେଉ । ଯେଉଁ ସାମୂହିକ କର୍ତ୍ତବ୍ୟ ବା ଅଧିକାର ସମ୍ପାଦନ ପ୍ରତି ବିଗତ ଖୁତ୍‌ବାରେ ମୁଁ ଚର୍ଚ୍ଚା କରିଆସିଛି, ତାହାହେଲେ ଆମେମାନେ ରମ୍‌ଜାନ୍ ମାସର ଅଭିପ୍ରାୟକୁ ପ୍ରାପ୍ତ କରିବାରେ ସାଫଲ୍ୟ ମଣ୍ଡିତ ହେବା ହେବା ସହିତ ଇଦ୍‌ର ଅଭିପ୍ରାୟକୁ ମଧ୍ୟ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବା ।

ହୁଜୁର ଅନ୍‌ୱର ଅ.ବ କହିଲେ, ପ୍ରାରମ୍ଭରେ ମୁଁ ସୁରାଃ ନିସାର 36 ନଂ ଆୟତ୍‌ର ତିଲାୱତ୍ କଲି, ତହିଁରେ ଅଲ୍ଲାଃତାଲା କେତେକ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଆମମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି। ସେହିପରି ଯେଉଁ ବ୍ୟକ୍ତିମାନେ ନିଜର କର୍ତ୍ତବ୍ୟ ସଠିକ୍ ରୂପେ ସମ୍ପାଦନ କରୁ ନାହାନ୍ତି ଏବଂ ଗର୍ବଭାବ ପ୍ରକାଶ କରନ୍ତି ଏବଂ ମୁହଁ ଫୁଟାଣିଆ କଥା କୁହନ୍ତି, ସେହିଭଳି ଲୋକମାନଙ୍କୁ ଅଲ୍ଲାଃତାଲା ଆଦୌ ପସନ୍ଦ କରନ୍ତି ନାହିଁ । ସୁତରାଂ ଯେଉଁ ଲୋକମାନଙ୍କୁ ଅଲ୍ଲାଃତାଲା ପସନ୍ଦ କରନ୍ତି ନାହିଁ ସେମାନଙ୍କର ନା କୌଣସି ଧର୍ମ ଅଛି ଓ ନା ହିଁ ସେମାନଙ୍କର ସଂସାର ଅଛି । ଏକ ଅବସରର ଆଁହଜରତ ସ.ଅ ମଧ୍ୟ ତତ୍‌ସଂକ୍ରାନ୍ତରେ ସତର୍କ କରାଇଛନ୍ତି ଯେ, ଅଲ୍ଲାଃତାଲା ଅହଂକାରୀ ବ୍ୟକ୍ତିକୁ ବୈକୁଣ୍ଠରେ ପ୍ରବେଶ କରିବାକୁ ଆଦୌ ଅନୁମତି ପ୍ରଦାନ କରିବେ ନାହିଁ । ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମନୁଷ୍ୟ ଚାହିଁଥାଏ ଯେ, ସେ ଉତ୍ତମ ବସ୍ତ୍ର ପରିଧାନ କରୁ, ଭଲ ଜୋତା ଚପଲ୍ ପିନ୍ଧୁ ଏବଂ ସେ ସୁନ୍ଦର ଦିଶୁ। ଏହା କେଉଁ ଶ୍ରେଣୀ ଅନ୍ତର୍ଭୁକ୍ତ ଆସିବ ?

ଆପଣ ସ.ଅ କହିଲେ,ଏହା ଅହଂକାର ନୁହେଁ । ଆପଣ ସ.ଅ କହିଲେ, ଅଲ୍ଲାଃତାଲା ତ' ସ୍ୱୟଂ ସୁନ୍ଦର ଅଟନ୍ତି, ସେ ସୌନ୍ଦର୍ଯ୍ୟତାକୁ ପସନ୍ଦ କରନ୍ତି, ଆପଣ ସ.ଅ କହିଲେ, ଅହଂକାରର କହିଲେ ମନୁଷ୍ୟ ସତ୍ୟକୁ ପ୍ରତ୍ୟାଖ୍ୟାନ କରିଥାଏ । ଅର୍ଥାତ୍ ସତ୍ୟକୁ ଅସ୍ୱୀକାର କରିବା ସହିତ ଲୋକମାନଙ୍କୁ ତୁଚ୍ଛ ଏବଂ ହୀନ ବୋଲି ମନେକରେ । ସେମାନଙ୍କୁ ହୀନ ଚକ୍ଷୁରେ ଦେଖେ ଏବଂ ସେମାନଙ୍କ ପ୍ରତି ଅସଦ୍‌ବ୍ୟବହାର ପ୍ରଦର୍ଶନ କରେ । ଅତଃ ଇଦ୍ ଦିନ ଭଳିକି ଭଳି ସୁନ୍ଦର ବସ୍ତ୍ର ପରିଧାନ କରିବା, ସଜେଇ ହେବା, ସୁଗନ୍ଧ ବୋଳି ହେବା ଆଦି ସମସ୍ତ କାର୍ଯ୍ୟ ଅଲ୍ଲାଃତାଲାଙ୍କୁ ବହୁତ ପସନ୍ଦ ଅଟେ । କିନ୍ତୁ ସେହି କାର୍ଯ୍ୟ ଯଦି ଗର୍ବ ଓ ଅହଂକାର ତଥା ଆତ୍ମ ବଡ଼ିମାର ପ୍ରମୁଖ ମାଧ୍ୟମ ପାଲଟିଯାଏ ତେବେ ଏହା ଅଲ୍ଲାଃତାଲାଙ୍କୁ ଆଦୌ ପସନ୍ଦ ନୁହେଁ ।

ଉପରୋକ୍ତ ଆୟତ୍‌ରେ ସେହି କଥା ପ୍ରତି ଦୃଷ୍ଟି ଆକର୍ଷଣ କରି ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି ଯେ, ଅଲ୍ଲାଃତାଲା ପ୍ରତ୍ୟେକ ଅହଂକାରୀ ଏବଂ ଆତ୍ମ ବଡ଼ିମା, ମୁହଁ ଫୁଟାଣିଆକୁ ପସନ୍ଦ କରନ୍ତି ନାହିଁ। ଉପରୋକ୍ତ କଥାରେ ଅଲ୍ଲାଃତାଲାଙ୍କର ମଧ୍ୟ ଅଧିକାର ନିହିତ ରହିଛି ଏବଂ ଭକ୍ତମାନଙ୍କର ମଧ୍ୟ ଅଧିକାର ନିହିତ ରହିଛି । ଅଲ୍ଲାଃତାଲାଙ୍କର ଅଧିକାର ଏହିପରି ଯେ, ତାହାଙ୍କର ଉପାସନା କରାଯାଉ । ନିଃସନ୍ଦେହ ରୂପେ ଏହା ହଅଲ୍ଲାଃତାଲାଙ୍କର ଅଧିକାର ଯେ, ତାହାଙ୍କର ଉପାସନା କରାଯାଉ ଏବଂ କୌଣସି ବସ୍ତୁକୁ ପ୍ରଭୁଙ୍କ ସହିତ ସମକକ୍ଷ କରା ନଯାଉ । କିନ୍ତୁ ଏହାର ଲାଭ ଭକ୍ତ ପକ୍ଷେ ନିହିତ ରହିଛି ।

ଲୋକମାନେ ପ୍ରଶ୍ନ କରିଥାଆନ୍ତି ଯେ, ଅଲ୍ଲାଃତାଲାକୁ ଏହାର କ'ଣଟା ଲାଭ ମିଳିବ ? ଅଲ୍ଲାଃତାଲାଙ୍କୁ ଏହାର କୌଣସି ଲାଭ ମିଳିବ ନାହିଁ। ଅଲ୍ଲାଃତାଲା ଅନ୍ୟ ଏକ ସ୍ଥଳରେ କୁହନ୍ତି, ମନୁଷ୍ୟ ଜୀବନର ଅଭିପ୍ରାୟ ପ୍ରଭୁଙ୍କର ଉପାସନା ଅଟେ । ଏହା ଏଇଥିପାଇଁ ନୁହଁ ଯେ, ଅଲ୍ଲାଃତାଲାଙ୍କୁ କୌଣସି ଲାଭ ମିଳିବ । ବରଂ ଅଲ୍ଲାଃତାଲା ଆମମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ, ଆମମାନଙ୍କୁ ପୁରସ୍କୃତ କରିବା ନିମନ୍ତେ, ଆମମାନଙ୍କର ସଂଶୋଧନ ନିମନ୍ତେ ଉପାସନା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଆମମାନଙ୍କୁ ପାପରୁ ଅଟକିବା ନିମନ୍ତେ ଉପାସନା କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଏକ ସ୍ଥଳରେ ଅଲ୍ଲାଃତାଲା କୁହନ୍ତି: إِنَّ الصَّلٰوةَ تَنْهٰى عَنِ الْفَحْشَآءِ وَالْمُنْكَرِ وَلَذِكْرُ اللّٰهِ أَكْبَرُ **(ଅଲ୍ ଅନ୍‌କବତୁ: 46)** ନିଃସନ୍ଦେହ ନମାଜ ଅଶ୍ଳୀଳତା ଏବଂ ପ୍ରତ୍ୟେକ ପ୍ରକାରର ଅପ୍ରିୟ ପ୍ରସଙ୍ଗରୁ ରୋକିଥାଏ ଏବଂ ଅଲ୍ଲାଃତାଲାଙ୍କର ଚର୍ଚ୍ଚା ସମସ୍ତ ଚର୍ଚ୍ଚା ଅପେକ୍ଷା ସର୍ବବୃହତ୍ ଚର୍ଚ୍ଚା ଅଟେ ।

ଅତଏବ ନମାଜର, ଉପାସନାର, ଅଲ୍ଲାଃତାଲାଙ୍କ ଚର୍ଚ୍ଚାର, ଅଲ୍ଲାଃତାଲାଙ୍କ ନାମ ସ୍ମରଣ କରିବା ଦ୍ୱାରା ଆମମାନଙ୍କୁ ଲାଭ ହିଁ ପ୍ରାପ୍ତ ହୋଇଥାଏ । ଅଲ୍ଲାଃତାଲା ଏହାର ପ୍ରତିଫଳ ଆମମାନଙ୍କୁ ପ୍ରଦାନ କରିଥାଆନ୍ତି । ସୁତାରଂ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କୁ କହିଲା: ହେ ଈଶ୍ୱରଙ୍କ ବାର୍ତ୍ତାବହ ସ.ଅ ! ଆପଣ ସ.ଅ ମୋତେ ଏଭଳି ଏକ କର୍ମ କୁହନ୍ତୁ ଯାହାକି ମୋତେ ସ୍ୱର୍ଗଗାମୀ ବା ବୈକୁଣ୍ଠରେ ପ୍ରବିଷ୍ଟ କରାଇବ ଏବଂ ନର୍କାଗ୍ନିରୁ ମୋତେ ରକ୍ଷା କରିବ । ଆପଣ ସ.ଅ କହିଲେ, ବତ୍ସ ତୁମେ ପ୍ରଭୁଙ୍କ ଉପାସନା କର । ତାହାଙ୍କ ସହିତ କାହାରିକୁ ସମକକ୍ଷ କରାଅ ନାହିଁ । ନାମଜ ପଢ, ଜକାତ୍ ପୈଠ କରି ଏବଂ ସଂପର୍କୀୟମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କର । ଅର୍ଥାତ୍ ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତାର ବ୍ୟବହାର ପ୍ରଦର୍ଶନ କର । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଦେଖନ୍ତୁ ଯେ, ଅଲ୍ଲାଃତାଲା କିପରି ସମ୍ମାନିତ ଏବଂ ପୁରସ୍କୃତ କରୁଛନ୍ତି ! ସଂସାରରେ ମଧ୍ୟ ସମ୍ମାନିତ କରୁଛନ୍ତି ଏବଂ ପରକାଳରେ ମଧ୍ୟ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରୁଛନ୍ତି ।

ଅଲ୍ଲାଃତାଲା କହିଲେ, "ଆମ୍ଭେ ମନୁଷ୍ୟକୁ ଏଇଥି ପାଇଁ ସୃଷ୍ଟି କରିଛୁ ସେ ଆମ୍ଭର ଉପାସନା କରୁ" । ଏହି ଉକ୍ତିର ଅର୍ଥ ଏହା ନୁହେଁ ଯେ, ପ୍ରଭୁଙ୍କୁ ଆମାନଙ୍କର ଉପାସନାର ଆବଶ୍ୟକତା ରହିଛି । ବରଂ ଏହା ଆମମାନଙ୍କର ମଙ୍ଗଳ ପାଇଁ ନିର୍ଦ୍ଧାରିତ ହୋଇଛି । କାରଣ "ଉପସନା ହିଁ ମନୁଷ୍ୟକୁ ମନ୍ଦ ଓ ଅପକର୍ମରୁ ନିବୃତ୍ତ ରଖିଥାଏ" । ଅତଏବ ଉପାସନା, ନମାଜ, ଅଲ୍ଲାଃତାଲାଙ୍କର ନାମ ଭଜିବା ଆଦି କାର୍ଯ୍ୟ ଆମମାନଙ୍କ ପକ୍ଷେ ଲାଭଦାୟକ ଏବଂ ଏହି କାର୍ଯ୍ୟ ସମ୍ପାଦନ କରିବା ଫଳରେ ଆମେମାନେ ପ୍ରଭୁଙ୍କ ଠାରୁ ପୁଣ୍ୟଲାଭ କରିଥାଉ ।

ଏକଦା ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କୁ ପ୍ରଶ୍ନ କଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଏଭଳି କର୍ମ ବିଷୟରେ କୁହନ୍ତୁ ଯାହାକି ମୋତେ ବୈକୁଣ୍ଠଗାମୀ କରାଇବ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ବତ୍ସ ! ତୁମେ ପ୍ରଭୁଙ୍କର ଉପାସନା କର, ଲୋକମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କର ଏବଂ ସେମାନଙ୍କର ଅଧିକାର ସମ୍ପାଦନ କର । ଏହି ପୁଣ୍ୟ କର୍ମ ତୁମକୁ ବୈକୁଣ୍ଠଗାମୀ କରାଇବ ।

ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ, "ଯେଉଁ ବ୍ୟକ୍ତି ଦୁଇ ଇଦ୍‌ର ରାତ୍ର ସମୟରେ ପ୍ରଭୁଙ୍କର ଆରାଧନା କରିବ ସେହି ବ୍ୟକ୍ତିର ହୃଦୟ ଚିରକାଳ ପାଇଁ ଜୀବିତ କରି ଦିଆଯିବ"। ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା କେତେ ବଡ଼ ଶୁଭ ସମାଚାର ! ଅଲ୍ଲାଃତାଲାଙ୍କର ଉପାସନା କରିବା ଦ୍ୱାରା ମନୁଷ୍ୟ ଚିରକାଳ ପାଇଁ ପୁରସ୍କୃତ ହୋଇଥାଏ । ଅତଏବ୍ ଇଦ୍ କେବଳ ଆନନ୍ଦ ଓ ଉଲ୍ଲାସର ପର୍ବ ନୁହେଁ ବରଂ ଇଦ୍ ଦିନ କହିଲେ, ରାତ୍ର ସମୟରେ ଉପାସନା କରିବା ଦ୍ୱାରା ନିଜର ହୃଦୟକୁ ଚିରୋଜ୍ଜୀବିତ ରଖା ଯାଇପାରିବ । ଏହି ରାତ୍ର ସମୟର ଉପାସନା କରିବା ଦ୍ୱାରା ମନୁଷ୍ୟକୁ ଏକ ଆଧ୍ୟାତ୍ମିକ ଜୀବନ ମଧ୍ୟ ପ୍ରାପ୍ତି ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ସେହି ଲୋକମାନେ ଯେଉଁମାନେ ଏହା ଭାବନ୍ତି ଯେ, ରମ୍‌ଜାନ୍ ମାସ ତ' ଶେଷ ହୋଇଗଲା ଚାଲ ଏଥର ଟିକେ ଶାନ୍ତିରେ ଶୋଇବା । ହୁଜୁର ଅନ୍‌ୱର୍ ଅ.ବ କହିଲେ; କାହିଁ ରମ୍‌ଜାନ୍ ମାସର ସେହି ଉପବାସ ଯେଉଁଠି ମନୁଷ୍ୟ ସେହ୍‌ରୀ ସମୟରେ ଉଠୁଥିଲା ସେହରୀ କରି ଦିନ ତମାମ ନିର୍ଜଳା ନିରାହାର ସମୟ ଅତିବାହିତ କରୁଥିଲା ଏବଂ ସେହ୍‌ରୀ ସମୟରେ ରାତ୍ରରେ ଉଠି ପ୍ରଭୁଙ୍କର ଉପାସନା କରୁଥିଲା ? କିନ୍ତୁ ରମ୍‌ଜାନ୍ ମାସ ସମାପ୍ତ ହେବା ପରେ ଇଦ୍ ଦିନକୁ ଦେଖ ଯେ, କେତେକ ବ୍ୟକ୍ତି ଫଜର୍ ନମାଜ୍‌ରେ ଉଠିବାକୁ ମଧ୍ୟ କୁଣ୍ଠାବୋଧ ପ୍ରକାଶ କରନ୍ତି । ତେବେ ଏହା ଅତ୍ୟନ୍ତ ନିନ୍ଦନୀୟ କଥା ଅଟେ । ଏପରି ନକରି ବରଂ ରମ୍‌ଜାନ୍ ମାସ ପରେ ମଧ୍ୟ ନିଜର ଉପାସନାରେ ଆହୁରି ଉନ୍ନତି କରିବା ଉଚିତ । ରୋଗ, ଅସୁସ୍ଥତା ଏବଂ କୋଭିଡ଼୍‌କୁ ଆଳ କରନ୍ତୁ ନାହିଁ । ତେଣୁ ଫଜର୍ ନମାଜ୍‌ରେ ନିୟମିତ ରୂପେ ସାମିଲ୍ ହୁଅନ୍ତୁ । ନିଜର ସନ୍ତାନମାନଙ୍କୁ ଧରି ମସ୍‌ଜିଦକୁ ଆସି ନମାଜ ପାଠ କରନ୍ତୁ ।

ଇଦ୍ ଦିନ ଯଦିଚ କମ୍ ସଂଖ୍ୟକ ଲୋକମାନେ ଉପସ୍ଥିତ ଥିଲେ ତେବେ ଯେଉଁଠି ଆଜି ଇଦ୍ ଅଛି ସେମାନଙ୍କୁ କାଲି ମଧ୍ୟ ଉକ୍ତ କଥାର ବିଚାର କରିବା ଉଚିତ୍ ଏବଂ ଯେଉଁଠି କାଲି ଇଦ୍ ହେବା ଉଚିତ୍ ସେଠାରେ ସେ କାଲି ଉକ୍ତ ଦୁର୍ବଳତାକୁ ଦୂରୀଭୂତ କରିବା ସହିତ ନମାଜରେ ଉପସ୍ଥିତି ହେବା ଉଚିତ୍ କିମ୍ବା ଅନ୍ତଃ ଘରମାନଙ୍କରେ ସନ୍ତାନମାନଙ୍କୁ ସକାଳୁ ଉଠି ଯଥା ସମୟରେ ନମାଜ ବାଜମାଅତ୍ ପାଠ କରନ୍ତୁ । ଯେପରିକି ମୁଁ ପୂର୍ବ ଖୁତ୍‌ବାରେ ମଧ୍ୟ କହିଥିଲି କି ନମାଜକୁ ଶୃଙ୍ଖଳିତ ଏବଂ ଶିଷ୍ଟ ତଥା ବ୍ୟବସ୍ଥିତ ଭାବରେ ପାଠ କରନ୍ତୁ ।

ରମ୍‌ଜାନ ମାସ ଶେଷ ହେବା ଏବଂ ଆଜି ଇଦ୍ ପର୍ବ ପାଳନ କରିବାକୁ ଆମମାନଙ୍କୁ ନିଜ ଉପାସନାରୁ ବିରତି କିମ୍ବା ନ୍ୟୁନତା ଅବା ନାମଜ ପାଠର ବ୍ୟବସ୍ଥା ନକରିବାର ଆଦେଶନାମା ଭାବିନେବା ଉଚିତ୍ ନୁହେଁ। ଏହି ଉପାସନା ହିଁ ଆମମାନଙ୍କର ଧାର୍ମିକତା ଏବଂ ସାଂସାରିକତା ଜୀବନରେ ଅଲ୍ଲାଃତାଲାଙ୍କର କୃପାର ଅଧିକାରୀ ରୂପେ ବିବେଚିତ କରିବାର ପ୍ରତିଭୂ ସାବ୍ୟସ୍ତ ହେବ । **(ଖୁତବା ଜୁମା ଇଦୁଲ୍ ଫିତର୍, ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ, 2 ମେ 2022ରୁ ଉଦ୍ଧୃତ)**

☆ ☆ ☆

# (ଖୁତ୍‌ବା ଜୁମା)

**ନବୀ ସ.ଅଙ୍କ ଶିବିର ମଧ୍ୟରୁ ବାହାରିବା ଏବଂ ଆପଣ ସ.ଅ ଏହି ଆୟତ୍ ପାଠ କରୁଥିଲେ ଯେ,**

سَيُهْزَمُ الْجَمْعُ وَيُوَلُّوْنَ الدُّبُرَ بَلِ السَّاعَةُ مَوْعِدُهُمْ وَالسَّاعَةُ اَدْهٰى وَاَمَرُّ

**ଅର୍ଥାତ୍ ଶୀଘ୍ର ସେମାନଙ୍କ ଦଳ ପରାଜିତ ହେବ ଏବଂ ସେମାନେ ପୃଷ୍ଠଭଙ୍ଗ କରି ପଳାୟନ କରିବେ, ବରଂ ସେମାନଙ୍କ ବିନାଶ କାଳ ବିଷୟରେ ଅଙ୍ଗୀକାର କରାଯାଇଛି ଏବଂ ସେହି ଅଙ୍ଗୀକୃତ ସମୟ ଅତ୍ୟନ୍ତ ବିନାଶଶୀଳ ଓ କଠୋର ।**

---

**ପ୍ରତ୍ୟେକ ସଂପ୍ରଦାୟରେ ଜଣେ ଜଣେ ଫିରଔନ୍ ଥାଆନ୍ତି ଅତଏବ ଉକ୍ତ ସଂପ୍ରଦାୟର ଫିରଔନ୍ ଅବୁ ଜହଲ୍ ଅଟେ ।**
**ଅଲ୍ଲାଃତାଲା ତାହାକୁ ଅତ୍ୟନ୍ତ ନୃଶଂସନୀୟ ଭାବରେ ବଧ କଲେ, ଇଫ୍ରାର ଦୁଇ ପୁତ୍ର ଏବଂ ଦେବଦୂତମାନେ ତାହାକୁ ବଧ କଲେ ଓ ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ ଅବୁ ଜହଲର କାମ ତମାମ୍ (ବଧ) କରିଥେଲ ।**

**ବଦର୍ ଯୁଦ୍ଧରେ ସଂଘଟିତ ହେଉଥିବା ପରିସ୍ଥିତି ଏବଂ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବାମାନଙ୍କର ଚର୍ଚ୍ଚା । ସେହିପରି ଆହଦିସ୍‌ର ପୁସ୍ତକ, ହ. ମସିହ୍ ମଉଦ୍ ଅ.ସଙ୍କ କଥନାବଳୀ ଖଲିଫାମାନଙ୍କ ପ୍ରକାଶରେ ବଦର୍ ଅବସରରେ ଦେବଦୂତମାନଙ୍କର ଅବତୀର୍ଣ୍ଣ ହେବାର ସନ୍ତୋଷଜନକ କଥୋପକଥନ ।**

**ପାଲେଷ୍ଟାଇନ୍‌ର ନିଷ୍ପେଷିତ ମୁସଲମାନମାନ, ମୁସ୍‌ଲିମ୍ ଜାତି. ପାକିସ୍ତାନୀୟ ଅହେମଦି, ସେହିପରି ଅନ୍ୟ ପ୍ରମୁଖ ପ୍ରସଙ୍ଗ ନିମନ୍ତେ ଦୁଆ କରିବା ପ୍ରତି ଆହ୍ୱାନ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 07 JULY 2023 ମସିହା ଅନୁଯାୟୀ ୦୭ ୱଫା /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବା ଜୁମାରେ ମକ୍କାର ଅବିଶ୍ୱାସକାରୀମାନଙ୍କ ଉପରେ ମୁସଲମାନମାନଙ୍କର ଭୟର ଚର୍ଚ୍ଚା କରି ଅବୁ ଜହଲ୍ ଓ ଉତ୍‌ବାର ଯୁଦ୍ଧ କରିବା ସଂକ୍ରାନ୍ତରେ ମତଭେଦର ଚର୍ଚ୍ଚା ଚାଲିଥିଲା। ପୁନଶ୍ଚ ଅବୁ ଜହଲ୍‌ର ବିଦ୍ରୂପ ଯୋଗୁଁ ଉତ୍‌ବା ଯୁଦ୍ଧ ଘୋଷଣା ମଧ୍ୟ କରିଥିଲା । ଏହିପରି ଭାବରେ ବିଧିବଦ୍ଧ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଉତ୍‌ବା ବିନ୍ ରବିୟାହ୍ ନିଜର ଭାଇ ଶୈବା ଓ ନିଜର ସୁପୁତ୍ର ୱଲିଦ୍ ବିନ୍ ଉତ୍‌ବା ସହିତ ଚାଲି ଚାଲି ଆସିଲା ଏବଂ ଧାଡ଼ିରୁ ଆଗକୁ ବାହାରି ଯୁଦ୍ଧ କରିବାକୁ ଆଗ୍ରହ ପ୍ରକାଶ କଲା । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିସ୍ଶାମ୍, ପୃ-426, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2001 ମସିହା)**

ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ରବିୟାହ୍ ଆଗକୁ ବଢ଼ିଲା ଏବଂ ତା' ପଛରେ ତା' ପୁତ୍ର ଏବଂ ତା' ଭାଇ ଆସିଲା । ସେ ଡାକିଲା କି ତା' ସହିତ କିଏ ଯୁଦ୍ଧ କରିବ? ତେବେ ଅନ୍‌ସାରର କେତେକ ଯୁବକମାନେ ଏହାର ଉତ୍ତର ଦେଲେ ଆମେ ତୁମ ସହିତ ଯୁଦ୍ଧ କରିବୁ । ସେ (ରବିୟାହ୍) ପଚାରିଲା, ତୁମେ କିଏ ? ଉତ୍‌ବା ସେହି ଅନ୍‌ସାରମାନଙ୍କୁ ପଚାରିଲା ତୁମେମାନେ କିଏ ? ସେମାନେ କହିଲେ, ତୁମେ କିଏ? ସେମାନେ ଅର୍ଥାତ୍ ଅନ୍‌ସାରମାନେ ତା'କୁ କହିଲେ ଆମେମାନେ କିଏ ତୁମେ ଛାଁ ଜାଣିଯିବ । ପୁନଶ୍ଚ କହିଲେ, ତୁମ ସହିତ ଆମର କୌଣସି ସଂପର୍କ ନାହିଁ । ଉତ୍‌ବା ଉତ୍ତର ଦେଲା, ଆମେ କେବଳ ନିଜର ଚଚାଙ୍କ ପୁତ୍ର ସହିତ ଯୁଦ୍ଧ କରିବାକୁ ଚାହୁଁଛୁ । ମକ୍କାବାସୀ ଏବଂ କୁରୈଶ୍‌ମାନଙ୍କ ସହିତ ଆମେମାନେ ଲଢ଼ିବାକୁ ଚାହୁଁଛୁ ଅନ୍‌ସାରମାନଙ୍କ ସହିତ ନୁହେଁ । ତତ୍‌ସହିତ ଉଚ୍ଚ ସ୍ୱରରେ ଡାକି କହିଲା, ହେ ମୁହମ୍ମଦ ସ.ଅ ! ଆମମାନଙ୍କର ସଂପର୍କୀୟଙ୍କ ମଧ୍ୟରୁ ଆମ ସହିତ ସମକକ୍ଷ ଥିବା ଲୋକମାନଙ୍କୁ ଆମ ବିପକ୍ଷରେ ପ୍ରେରଣ କରେ । ତେବେ ନବୀ କରୀମ୍ ସ.ଅ କହିଲେ, ହେ ହମ୍‌ଜା ! ଉଠ, ହେ ଅଲୀ ! ଉଠ, ହେ ଉବୈଦାହ୍ ବିନ୍ ହାରିସ୍! ଉଠ। ହ. ହମଜା ର.ଅ ଆଁହଜରତ ସ.ଅଙ୍କର ଚଚା ଥିଲେ ଏବଂ ଅଲୀ ର.ଅ ଆପଣ ସ.ଅଙ୍କ ଚଚା ପୁଅ ଭାଇ ଥିଲେ । ଅପରପକ୍ଷେ ଉବୈଦାହ୍ ସଂପର୍କରେ ଚଚା ଲାଗିବେ । ହ. ହମ୍‌ଜା ର.ଅ ଉତ୍‌ବା ଆଡ଼କୁ ଅଗ୍ରସର ହେଲେ, ହ. ଅଲୀ ର.ଅ କୁହନ୍ତି: ମୁଁ ଶୈବା ଆଡ଼କୁ ଆଗ୍ରସର ହେଲି ଓ ଉବୈଦାହ୍ ଏବଂ ୱଲିଦ୍ ମଧ୍ୟରେ ଦୁଇଟି ସଂଘର୍ଷର ଆଦାନ ପ୍ରଦାନ ହେଲା । ଦୁହିଁଙ୍କ ମଧ୍ୟରେ ଜଣେ ଅନ୍ୟ ଜଣଙ୍କୁ ଆହତ କରି ଦୁର୍ବଳ କରି ଦେଇଥିଲା । ପୁନଶ୍ଚ ଆମେମାନେ ୱଲିଦ୍ ଆଡ଼କୁ ଅଗ୍ରସର ହୋଇ ତା'ର ବଧ କରିଦେଲୁ ଏବଂ ଉବୈଦାହକୁ ଆମେମାନେ ଟେକି ଆଣିଲୁ । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଜିହାଦ୍, ବାବ୍ ଫିଲ୍ ମୁବାରିଜତି, ହଦିସ୍ ନଂ-2665) (ଅଲ୍ ଲୁଲୁୱିଲ୍ ମକ୍‌ନୁନ୍, ସିରତ୍ ଇନ୍‌ସାଇକ୍ଲୋପିଡ଼ିଆ, ଭାଗ-2, ପୃ-48, ମକ୍‌ତବା ଦାରୁସ୍ ସଲାମ୍, ରିୟାଜ୍ 1433 ହିଜ୍ରୀ)**

ହ. ହମ୍‌ଜା ର.ଅ ଓ ହ. ଅଲୀ ର.ଅ ନିଜର ଶତ୍ରୁମାନଙ୍କୁ ମାରିଦେଲେ । ଅପରପକ୍ଷେ ହ. ହମ୍‌ଜା ର.ଅ ଓ ହ. ଅଲୀ ର.ଅ ନିଜର ସାଥି ହ.ଉବୈଦାହ୍ ବିନ୍ ହାରିସ୍ ର.ଅଙ୍କୁ ନିଜ ସୈନ୍ୟବାହିନୀରେ ଟେକି ଆଣିଲେ । କାରଣ ତାଙ୍କର ଗୋଡ଼ କଟି ଯାଇଥିଲା। ଯେତେବେଳେ ହ. ଉତ୍‌ବା ବିନ୍ ହାରିସ୍ ର.ଅଙ୍କୁ ଆଁହଜରତ ସ.ଅଙ୍କ ସମକ୍ଷରେ ଉପସ୍ଥାପିତ କରାଗଲା ସେତେବେଳେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ଶହୀଦ୍ ନୁହେଁ ? ଆପଣ ସ.ଅ ନିସନ୍ଦେହ ତୁମେ ଶହୀଦ୍ ଅଟ । **(ତାରିଖ୍ ତବ୍‌ରୀ, ଭାଗ-2, ପୃ-32, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2012 ମସିହା)**

ହ. ଉବୈଦାହ୍ ବିନ୍ ହାରିସ୍ ର.ଅ ଯେକି ଆଁହଜରତ ସ.ଅଙ୍କ ଚଚାଙ୍କ ପୁଅ ଭାଇ ଥିଲେ ଏବଂ ସେହି ଗଭୀର ଆଘାତ ଯୋଗୁଁ ସେ ସୁସ୍ଥ ହୋଇ ନପାରି ବଦର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ସମୟରେ ମୃତ୍ୟୁବରଣ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ସାହିବ ଜାଦା ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ ସାହେବ ଏମ୍.ଏ ର.ଅ, ପୃ-360)**

ହ. ଉତବା ବିନ୍ ହାରିସ୍ ର.ଅଙ୍କ ସଂପର୍କରେ ଏକ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ତାଙ୍କର ଗୋଡ଼ ଖଡ଼ଗ ଦ୍ୱାରା କଟିଗଲା ସେତେବେଳେ ତାଙ୍କର ସାଥିମାନେ ତାଙ୍କୁ ଟେକି ଫେରାଇ ଆଣିଲେ । ପୁନଶ୍ଚ ତାଙ୍କୁ ଯେତେବେଳେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ଏବଂ ଶୁଆଇ ଦିଆଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ପବିତ୍ର ପାଦ ତାଙ୍କ ଶରୀର ତଳେ ରଖିଦେଲେ । ଅର୍ଥାତ ନିଜର ପାଦ ତାଙ୍କର ଗାଲ ତଳେ ରଖିଦେଲେ । ହ. ଉତ୍‌ବା ର.ଅ ଅତ୍ୟନ୍ତ ପରିଶ୍ରମ ସହକାରେ ଆପଣ ସ.ଅଙ୍କ ଆଡ଼କୁ ଚାହିଁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜି ଯଦି ଅବୁ ତାଲିବ୍ ଜୀବିତ ଥାଆନ୍ତେ ତାହେହେଲେ ସେ ଜାଣି ନିଅନ୍ତେ ଯେ, ମୁଁ ତାଙ୍କ କଥନର ସବୁଠୁ ବେଶୀ ଅଧିକାରୀ ଅଟେ । ପୁନଶ୍ଚ ହ. ଅବୁ ତାଲିବ୍ ର.ଅଙ୍କ କବିତା ପାଠ କଲେ । ଯାହାର ଅନୁବାଦ ଏହିପରି ଅଟେ ଯେ, ବୈତୁଲ୍ଲାଃର ଶପଥ ! ତୁମେ ମିଥ୍ୟା କହିଛ । କାରଣ ମୁହମ୍ମଦ ସ.ଅଙ୍କୁ ଛାଡ଼ି ଦିଆଯିବ । ବର୍ତ୍ତମାନ ତ' ଆମେମାନେ ଆପଣ ସ.ଅଙ୍କ ପ୍ରତିରକ୍ଷାରେ ନା ଶରର ପ୍ରୟୋଗ କରିଛୁ ଓ ନା ହିଁ ତୀର ଚାଳନା କରିଛୁ । ତୁମେ ମିଛ କହିଛି ଯେ, ଯେପର୍ଯ୍ୟନ୍ତ ଆମମାନଙ୍କର ଶବ ଏଣେତେଣେ ବିକ୍ଷିପ୍ତ ହୋଇଯାଇ ନାହିଁ ଏବଂ ଆମେମାନେ ନିଜର ସନ୍ତାନ ସନ୍ତତିଙ୍କ ଠାରୁ ଅବଚେତନ ହୋଇଯାଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ତାଙ୍କୁ ତୁମକୁ ହସ୍ତାନ୍ତର କରିଦେବୁ ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ମୁଁ ସାକ୍ଷ୍ୟ ଦେଉଅଛି ଯେ, ତୁମେ ଶହୀଦ୍ ଅଟ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ- 35-36, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା) (ଉସ୍‌ଦୁଲ୍ ଗାବା, ଭାଗ-3, ପୃ-548, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଇତ୍ୟବସରରେ ଅବୁ ଜହଲ୍ ଏକ ପ୍ରାର୍ଥନା କିରଥିଲା । ଏହାର ଚର୍ଚ୍ଚା ଏହିପରି ମିଳେ ଯେ, ଯେତେବେଳେ ଉଭୟ ସୈନ୍ୟଦଳ ପରସ୍ପର ମୁହାଁମୁହିଁ ହେଲେ ଅର୍ଥାତ ଘମୋଘୋଡ଼ ଯୁଦ୍ଧ ହେବାକୁ ଲାଗିଲା ସେତେବେଳେ ଅବୁ ଜହଲ୍ ଦୁଆ କଲା ଯେ, ହେ ପ୍ରଭୁ ! ଆମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ନିକଟ ସଂପର୍କୀୟଙ୍କୁ ଭାଙ୍ଗିବାକୁ ଚେଷ୍ଟା କରୁଛି ଏବଂ ଏପିର କଥା ବର୍ଣ୍ଣନା କରୁଛି ଯାହାକି ପୂର୍ବେ କେବେ ବର୍ଣ୍ଣିତ ହୋଇ ନାହିଁ ତୁମ୍ଭେ ଆଜି ତାହାର ବିନାଶ ଘଟାଇ ଦିଅ । **(ସିରତ୍ ଇବ୍‌ନେ ହିସ୍ଶାମ୍,**

**ପୃ-428, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ହ. ମସିହ୍ ମଉଦ୍ ଅ.ସ ତତ୍‌ସମ୍ବନ୍ଧରେ ଉଲ୍ଲେଖ କରି କୁହନ୍ତି, "ବଦର୍ ଯୁଦ୍ଧରେ ସମୟରେ ଅମ୍ର ବିନ୍ ହିସ୍ଶାମ୍ ନାମକ ଜଣେ ବ୍ୟକ୍ତି ଛଦ୍ମନାମ ଅବୁ ଜହଲ୍ ରୂପେ ବିଖ୍ୟାତ ହେଲା, ଯିଏ କୁରୈଶ୍‌ର ଅବଜ୍ଞାକାରୀଙ୍କ ଅଧିପତି ଏବଂ ନେତା ଥିଲା, ସେ ଏହି ଶବ୍ଦରେ ଦୁଆ କଲା, اَللّٰهُمَّ مَنْ كَانَ مِنَّا اَفْسَدَ فِى الْقَوْمِ وَاَقْطَعَ لِلرَّحِمِ فَاَحِنْهُ الْيَوْمَ ଅର୍ଥାତ୍ ହେ ଈଶ୍ୱର ! ଆମ ଦୁହିଁଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ତୁମ୍ଭ ଦୃଷ୍ଟିରେ ଉପଦ୍ରବକାରୀ ବ୍ୟକ୍ତି ଅଟେ ଏବଂ ନିଜ ଜାତି ମଧ୍ୟରେ ଘୃଣା ତଥା ଦ୍ୱେଷାଭାବ ସୃଷ୍ଟି କରୁଛି, ପାରସ୍ପାରିକ ସଂପର୍କକୁ ଛିନ୍ନ କରେ, ଜାତୀୟ ଅଧିକାରକୁ କ୍ଷୁର୍ଣ୍ଣ କରେ, ଦୟା ପ୍ରଦର୍ଶନ କରେ ନାହିଁ ତୁମ୍ଭେ ଆଜି ତାହାର ବିନାଶ ଘଟାଇଦିଅ । ଏହି ବାକ୍ୟରୁ ଅବୁ ଜହଲ୍‌ର ଏହି ଉଦ୍ଦେଶେ ରହିଥିଲା ଯେ, **ନାଉଜୁବିଲ୍ଲାଃ** ଆଁହଜରତ୍ ସ.ଅ ଜଣେ ଉପଦ୍ରବକାରୀ ବ୍ୟକ୍ତି ଅଟନ୍ତି ଏବଂ ଜାତି ମଧ୍ୟରେ ବିଦ୍ୱେଷାଭାବ ସୃଷ୍ଟି କରି କୁରୈଶ୍‌ର ଧର୍ମରେ ଏକ ନୂତନ ସଂପ୍ରଦାୟ ସୃଷ୍ଟି କରୁଛନ୍ତି, ଆପଣ ସ.ଅ **ନାଉଜୁବିଲ୍ଲାଃ** ସମସ୍ତଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରି ଦେଇଛନ୍ତି ଏବଂ ସଂପର୍କକୁ ଭାଙ୍ଗିବାର କାରଣ ହୋଇଯାଇଛନ୍ତି । ତହିଁରୁ ଏହା ପ୍ରତିତ ହୁଏ ଯେ, ଅବୁ ଜହଲ୍‌କୁ ଏହି ବିଶ୍ୱାସ ଥିଲା କି **ନାଉଜୁବିଲ୍ଲାଃ** ଆପଣ ସ.ଙ୍କ ଜୀବନ ପବିତ୍ର ନୁହେଁ । ଅତଃ ସେ ବେଦନାପୂର୍ଣ୍ଣ ହୃଦୟରୁ ଦୁଆ କଲା । କିନ୍ତୁ ସେହି ଦୁଆ ପରେ ସମ୍ଭବତଃ ସେ ଏକ ଘଣ୍ଟାରୁ ବେଶୀ ସମୟ ପର୍ଯ୍ୟନ୍ତ ଜୀବିତ ରହିପାରିଲା ନାହିଁ ଏବଂ ଐଶୀ ପ୍ରକୋପ ସେହି ସ୍ଥାନରେ ହିଁ ତା'ର ସ୍କନ୍ଧଚ୍ୟୁତ ଘଟାଇଥିଲା ଏବଂ ଯେଉଁ ପବିତ୍ର ଅସ୍ତିତ୍ୱଙ୍କ ଉପରେ ସେ କଳଙ୍କ ବୋଲୁଥିଲା ସେହି ଅସ୍ତିତ୍ୱ ଯୁଦ୍ଧ ଭୂମିରୁ ଜୟଯୁକ୍ତ ଏବଂ ବିଜୟର ସହିତ ଫେରିଥିଲେ।" **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ174-175)**

ଯୁଦ୍ଧାବସ୍ଥାର ନକ୍ସା ଏହିପରି ଅଙ୍କନ କରାଯାଇଛି ଯେ, "ଯୁଦ୍ଧଭୂମିରେ ରକ୍ତପାତର ବିଭିଷୀକା ଉତ୍ତପ୍ତ ଥିଲା । ମୁସଲମାନମାନଙ୍କ ସମ୍ମୁଖରେ ତାଙ୍କ ଠାରୁ ତିନିଗୁଣା ସଂପ୍ରଦାୟ ଥିଲା (ଅର୍ଥାତ୍ ଅବଜ୍ଞାକାରୀମାନଙ୍କର ସୈନ୍ୟଦଳ) । ସେମାନେ ପ୍ରତ୍ୟେକ ପ୍ରକାରର ଯୁଦ୍ଧ ସରଞ୍ଜାମ ଏବଂ ଅସ୍ତ୍ର ଶସ୍ତ୍ର ଦ୍ୱାରା ସୁସଜ୍ଜିତ ହୋଇ ଏବଂ ଦୃଢ ସଂକଳ୍ପ ନେଇ ଯୁଦ୍ଧଭୂମି ଅଭିମୁଖେ ବାହାରିଥିଲେ ଯେ, ସେମାନେ ଇସ୍‌ଲାମ୍ ଧର୍ମର ନାମକୁ ନିଶ୍ଚିହ୍ନ କିରଦେବେ । ବିଡ଼ମ୍ବନାର ବିଷୟ ଏହିକି ଯେ, ମୁସଲମାନମାନେ ସଂଖ୍ୟାରେ ସ୍ୱଳ୍ପ, ଯୁଦ୍ଧ ସରଞ୍ଜାମ ସ୍ୱଳ୍ପ, ଦାରିଦ୍ର୍ୟତା ଏବଂ ଅସହାୟତା କଷାଘାତ ଦ୍ୱାରା ସାଧନ ଦୃଷ୍ଟିରୁ ମକ୍କାବାସୀଙ୍କ ସମ୍ମୁଖରେ କିଛି ମିନିଟ୍ (କେଇଟା ମୁହୂର୍ତ୍ତ)ର ଶିକାର ଥିଲେ । କିନ୍ତୁ ଏକେଶ୍ୱରବାଦ ଏବଂ ଅବତାରତ୍ୱର ପ୍ରେମ ସେମାନଙ୍କୁ ପାଗଳ କରିଦେଇଥିଲା । ସେହି ଜୀବନ୍ତ ବିଶ୍ୱାସ ବ୍ୟତୀତ ପୃଥିବୀରେ ଅନ୍ୟ କୌଣସି ଶକ୍ତିଶାଳୀ ବସ୍ତୁ ଏହି ସଂସାରରେ ନାହିଁ । ଏହିଭଳି ବିଶ୍ୱାସ ମୁସଲମାନମାନଙ୍କ ମଧ୍ୟରେ ପ୍ରକୃତି ବିରୁଦ୍ଧୀୟ ଶକ୍ତି ସ୍ଫୂର୍ତ୍ତି ଭରି ଦେଇଥିଲା। ମୁସଲମାନମାନେ ସେତେବେଳେ ରଣଭୂମିରେ ଧର୍ମସେବାର ସେହି ଉଦାହରଣ ପ୍ରଦର୍ଶନ କରୁଥିଲେ ଯାହାର ଦୃଷ୍ଟାନ୍ତ କେବେ ଦେଖିବାକୁ ମିଳେ ନାହିଁ । ପ୍ରତ୍ୟେକ ବ୍ୟକ୍ତି ପରସ୍ପର ଠାରୁ ଅଧିକ ଯୁଦ୍ଧରେ ପ୍ରତିସ୍ପର୍ଦ୍ଧିତ ଭୂମିକା ନିର୍ବାହ କରୁଥିଲା ଏବଂ ଈଶ୍ୱରଙ୍କ ମାର୍ଗରେ ନିଜର ଜୀବନ ଉତ୍ସର୍ଗ କରିବା ନିମନ୍ତେ ବ୍ୟାକୁଳିତ ଦୃଶ୍ୟମାନ ହେଉଥିଲା । ହ. ହମଜା ର.ଅ, ହ. ଅଲୀ ର.ଅ, ହ. ଜୁବୈର୍ ର.ଅ ଆଦି ଶତ୍ରୁ ପକ୍ଷର ଧାଡ଼ିକୁ ବିଦୀର୍ଣ୍ଣ କରି ରଖି ଦେଇଥିଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-362)**

ମୁସଲମାନମାନଙ୍କର ପ୍ରଥମ ଶହୀଦ୍‌ଙ୍କ ସଂପର୍କରେ ଉଲ୍ଲେଖ ରହିଛି ଯେ, ହ. ଉମର୍ ବିନ୍ ଖତ୍ତାବ ର.ଅଙ୍କ ସ୍ୱାଧୀନପ୍ରାପ୍ତ ଦାସ ହ. ମିହ୍‌ଜାଅ ର.ଅଙ୍କୁ ଏକ ତୀର ଲକ୍ଷ୍ୟଭେଦ କରାଗଲା । ଯଦ୍ଦ୍ୱାରାକି ସେ ବୀରଗତି ପ୍ରାପ୍ତ କଲେ । ଏ ହେଉଛନ୍ତି ମୁସଲମାନମାନଙ୍କର ପ୍ରଥମ ଶହୀଦ୍ ଯେକି ଶାହାଦତ୍‌ର ଗରଳ ପାନ କରଥିଲେ। ଏତଦ୍‌ପରେ ବନି ଅଦି ବିନ୍ ନଜ୍ଜାର୍ ସଂପ୍ରଦାୟର ଜଣେ ବ୍ୟକ୍ତି ହ. ହାରିସା ବିନ୍ ସୁରାକା ଶହୀଦ୍ ହୋଇଥିଲେ । ଆପଣ ର.ଅ ଜଳକୁଣ୍ଡରୁ ଜଳ ପାନ କରୁଥିଲେ । କାରଣ ଆପଣଙ୍କ ଆଡ଼କୁ ଏକ ତୀର ଚାଳନା କରାଗଲା ଯାହାକି ଆପଣ ର.ଅଙ୍କ ବେକରେ ପ୍ରବିଷ୍ଟ ହୋଇ ଆରପାର ହୋଇଗଲା । ଏହିପରି ଭାବରେ ଆପଣ ର.ଅ ବୀରଗତି ପ୍ରାପ୍ତ କଲେ । **(ସିରତ୍ ଇବ୍‌ନେ ହିସ୍ଶାମ, ପୃ-4285, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହାରସା ବିନ୍ ସୁରାକା ବିନ୍ ହାରିସ୍ ର.ଅ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ଏବଂ ସେ ବର୍ତ୍ତମାନ ଭେଣ୍ଡିଆ ଯୁବକଟିଏ ଥିଲେ । ତାଙ୍କର ମାତାଶ୍ରୀ ରୁବ୍‌ବୈ ବିନ୍‌ତ୍ ନଜର୍ ହ. ଅନସ୍ ର.ଅଙ୍କ ପିଉସୀ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବେ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଜାଣିଛନ୍ତି ଯେ, ହ. ହାର୍‌ସା ର.ଅଙ୍କ ମର୍ଯ୍ୟାଦା ମୋ ଦୃଷ୍ଟିରେ କ'ଣ ରହିଥିଲା ? ଅତଏବ୍ ସେ ଯଦି ସ୍ୱର୍ଗରେ ଅଛନ୍ତି ତେବେ ମୁଁ ଧୈର୍ଯ୍ୟ ପ୍ରଦର୍ଶନ କରିବି ଏବଂ ପୁଣ୍ୟ ପ୍ରାପ୍ତିର ଆଶା ରଖିବି ଏବଂ ଯଦି ଅନ୍ୟ କିଛି କଥା ରହିଛି ତେବେ ଆପଣ ଦେଖିନେବେ ମୁଁ କ'ଣଟା କରିପାରିବି? ଆପଣ ସ.ଅ କହିଲେ, ଦୁଃଖ ଓ ପରିତାପର ବିଷୟ ଯେ, କ'ଣ ତୁ ପାଗଳ ହୋଇଯାଇଛୁ? ସ୍ୱର୍ଗ କ'ଣ ଗୋଟିଏ ବସ୍ତୁ ଅଛି ? ଆପଣ ସ.ଅ କହିଲେ, ସ୍ୱର୍ଗ ଅନେକ ରହିଛି ଏବଂ ତୁମ ପୁତ୍ର ତ' ଜନ୍ନତୁଲ୍ ଫିର୍‌ଦୌସରେ ରହିଛି । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍ ଫଜ୍‌ଲୁ ମନ୍ ଶହିଦା ବଦ୍‌ରନ୍, ହଦିସ୍ ନଂ-3982) (ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-387, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-1990 ମସିହା)**

ଉକ୍ତ ଯୁଦ୍ଧରେ ସାହାବାମାନଙ୍କର ଜିହାଦ୍ କରିବାର ଉତ୍ସାହ ଦର୍ଶନୀୟ ଥିଲା । ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ, ଯେଉଁ ବ୍ୟକ୍ତି ଆଜିର ଦିନରେ ଧୈର୍ଯ୍ୟର ସହିତ ଯୁଦ୍ଧ କରିବ ଏବଂ ପଳାୟନ କରିବ ନାହିଁ ତେବେ ଈଶ୍ୱର ତାକୁ ବୈକୁଣ୍ଠରେ ପ୍ରବେଶ କରାଇବେ । ଏହା ଶୁଣି ଉମୈର୍ ବିନ୍ ହୁମ୍ମାମ୍ ଯେକି ବନି ସଲ୍‌ମା ସଂପ୍ରଦାୟର ବ୍ୟକ୍ତି ଥିଲେ ସେ କହିଲେ, ଏହା ଅତି ଉତ୍ତମ କଥା ତ' ! ମୋ ମଧ୍ୟରେ ଏବଂ ସ୍ୱର୍ଗ ମଧ୍ୟରେ ବାସ୍ ଏତିକି ଦୂରତା ରହିଛି ? (ଅର୍ଥାତ ଉମୈର୍ ବିନ୍ ହୁମ୍ମାମ୍ ଯେତେବେଳେ ଉକ୍ତ କଥା କହୁଥିଲେ ସେତେବେଳେ ତାଙ୍କ ହାତରେ ଖଜୁରୀ କୋଳି ଥିଲା ଯାହାକୁ ସେ ଖାଉଥିଲେ) । ଏହି ଲୋକମାନେ ମୋତେ ଶହୀଦ୍ କରିଦିଅନ୍ତୁ । ପୁନଶ୍ଚ ସେ ନିଜର ଖଡ଼ଗ ଧରି ଏଭଳି ଯୁଦ୍ଧ କଲେ ଯେ, ସେ ଶହୀଦ୍ ହୋଇଗଲେ ।

ଔଫ୍ ବିନ୍ ହାରିସ୍ ଯେକି ଜାଫର୍‌ଙ୍କ ପୁତ୍ର ଥିଲେ ସେ ହୁଜୁର ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ନିଜ ଭକ୍ତର କେଉଁ କଥା ଦ୍ୱାରା ପ୍ରସନ୍ନ ହୋଇଥାଆନ୍ତି ? ଆପଣ ସ.ଅ କହିଲେ, ଶତ୍ରୁ ଯେତେବେଳେ ବିଶ୍ୱାସକାରୀ ଭକ୍ତ ଉପରକୁ ଆକ୍ରମଣ କରେ ଏବଂ ଭକ୍ତ ଯେତେବେଳେ ଲୌହ କବଚ ଶୂନ୍ୟ ହୋଇ ଶହୀଦ୍ ହୁଏ ସେତେବେଳେ ପ୍ରଭୁ ପ୍ରସନ୍ନ ହୁଅନ୍ତି । ଫଳତଃ ସେ ନିଜର ଲୌହ କବଚ ଓହ୍ଲାଇ ଫିଙ୍ଗିଦେଲେ ଏବଂ ଅନେକ ଅବଜ୍ଞାକାରୀଙ୍କୁ ବଧ କରିବା ପରେ ସ୍ୱୟଂ ମଧ୍ୟ ବୀରଗତି ପ୍ରାପ୍ତ କଲେ । **(ସିରତ୍ ଇବ୍‌ନେ ହିସ୍ଶାମ, ପୃ-428, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ଅବୁ ଜହଲ୍‌ର ବଧ ହେବା ସଂକ୍ରାନ୍ତରେ ବୁଖାରୀରେ ଯେଉଁ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ତଦନୁଯାୟୀ ହ. ଅବ୍‌ଦୁର୍ ରହେମାନ ବିନ୍ ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ବଦର୍ ଯୁଦ୍ଧ ଦିନ ଧାଡ଼ିରେ ଛିଡ଼ା ହୋଇଥିଲି । ମୁଁ ଯେତେବେଳେ ମୋର ବାମ ଓ ଡାହାଣ ପାର୍ଶ୍ୱକୁ ଚାହିଁଲି ସେତେବେଳେ ଏହା ଅବଲୋକନ କଲି ଯେ, ଦୁଇ ଜଣ କିଶୋର ଯୁବକ ଛିଡ଼ା ହୋଇଛନ୍ତି । ସେମାନଙ୍କ ଉପସ୍ଥିତି ଯୋଗୁଁ ମୁଁ ନିଜକୁ ସୁରକ୍ଷିତ ଏବଂ ସହଜ ମନେକରୁ ନଥିଲି । ସେ କହିଲେ, ଠିକ୍ ସେତିକିବେଳେ ସେହି ଦୁଇ କୈଶୋର ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ଧୀରେ ମୋତେ ପଚାରିଲା, ଚଚା ! ମୋତେ ଅବୁ ଜହଲ୍‌କୁ ଟିକିଏ ଦେଖାଇ ଦିଅନ୍ତୁ । ମୁଁ କହିଲି ହେ ମୋର ପୁତୁରା ! ତୁମର ଅବୁ ଜହଲ୍ ସହିତ କ'ଣ କାମ ରହିଛି ? ସେ କହିବାକୁ ଲାଗିଲା ମୁଁ ଅଲ୍ଲାଃତାଲାଙ୍କ ସହିତ ଏହି ଅଙ୍ଗୀକାର କରିଛି ଯେ, ମୋତେ ଯଦି ଅବୁ ଜହଲ୍ ମିଳିଯାଏ ତେବେ ମୁଁ ତା'ର ସଂହାର କରିଦେବି କିମ୍ବା ତା' ସମ୍ମୁଖରେ ନିଜେ ଶିହୀଦ୍ ହୋଇଯିବି । ପୁନଶ୍ଚ ଦ୍ୱିତୀୟ ଯୁବକ ଜଣକ ଧୀରେ ମୋତେ ପଚାରିଲା ଏହାର ଖବର ତା'ର ସହଯୋଗୀ ସାଥିକୁ ନଥିଲା । ସେ ମୋତେ ଏହି ପ୍ରଶ୍ନ କଲା ଯେ, ଚଚା ଅବୁ ଜହଲ୍ କେଉଁଠି ? ଅବ୍‌ଦୁର୍ ରହମାନ୍ ର.ଅ କହୁଥିଲେ ଯେ, ମୁଁ କେବେ ଏତେ ଆନନ୍ଦିତ ହୋଇ ନଥାଆନ୍ତି ଯେତିକି ଆନନ୍ଦ ମୋତେ ସେହି ଦୁଇ ଜଣ ଯୁବକଙ୍କ ଗହଣରେ ରହି ମିଳିଥିଲା । ଅବ୍‌ଦୁର ରହମାନ୍ ର.ଅ କୁହନ୍ତି ଯେ, ମୁଁ ସେହି ଦୁଇ ଯୁବକଙ୍କୁ ଅବୁ ଜହଲ୍ ଆଡ଼କୁ ଇଙ୍ଗିତ କରି କହିଲି ଯେ, ହେଇ ଏ ହେଉଛି ଅବୁ ଜହଲ୍ । ଏକଥା ଶୁଣିବା ମାତ୍ରେ ସେହି ଦୁଇ ଜଣ କୈଶୋର ଯୁବକମାନେ ଅବୁ ଜହଲ୍ ଉପରେ ଏପରି ଅତର୍କିତ ଲମ୍ଫ ମାରିଲେ ଯଦ୍ଦ୍ୱାରାକି ସେ ନିହତ ହେଲା । ସେହି ଦୁଇ ଜଣ କିଶୋର ଯୁବକ ଇଫ୍ରାର ପୁତ୍ର ଥିଲେ ଏବଂ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ସେମାନଙ୍କର ନାମ ମୁଆଜ୍ ଓ ମୁଅୱିଜ୍ ଥିଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ହଦିସ୍ ନଂ-3988) (ଉମ୍ଦତୁଲ୍ କାରି, ଭାଗ-12, ପୃ-132, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍ 2001 ମସିହା)**

ହ. ମୁଆଜ୍ ର.ଅ କୁହନ୍ତି ଯେ, ମୁଁ ଲୋକମାନଙ୍କୁ କଥାବାର୍ତ୍ତା କହୁଥିବାର ଶୁଣିଲି ଯେ, ଅବୁଲ୍ ହକମ୍ ପର୍ଯ୍ୟନ୍ତ କେହି ପହଞ୍ଚି ପାରିବେ ନାହିଁ । ସୁତରାଂ ମୁଁ ମନସ୍ଥ କରିନେଲି ଯେ, ମୁଁ ଅବୁ ଜହଲ୍ ଉପରେ ଅବଶ୍ୟ ଆକ୍ରମଣ କରିବି । ତେଣୁ ମୁଁ ତା' ଉପରେ ସହସା ଆକ୍ରମଣ କଲି ଏବଂ ଖଡ଼୍ଗ ପ୍ରହାର କରି ତା'କୁ ପାଦର ଗୋଇଠି ପର୍ଯ୍ୟନ୍ତ ହାଣି ପକାଇଲି । ତା'ର (ଅବୁ ଜହଲ୍ର) ପୁତ୍ର ଇକ୍ରମା ମୋ କାନ୍ଧ ଉପରେ ଆକ୍ରମଣ କରି ମୋର ହାତ କାଟିଦେଲେ । ମୋର କ୍ଷତାକ୍ତ ହାତଟି କେବଳ ଚର୍ମ ସାହାଯ୍ୟରେ ଓହଳି ରହିଥିଲା । ସାରା ଦିନ ମୁଁ ଏହିପରି ଲଢୁଥିଲି ଯେତେବେଳେ ବ୍ୟଥା ବୃଦ୍ଧି ପାଇଲା ସେତେବେଳେ ମୁଁ ତା' ଉପରେ ହାତ ରଖି ତାହାକୁ ଶରୀରରୁ ପୃଥକ କରିଦେଲି । **(ତାରିଖ୍ ତବ୍ରୀ, ଭାଗ-2, ପୃ-36, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁିତ୍-2012 ମସିହାରୁ ଉଦ୍ଧୃତ)**

ଯୁଦ୍ଧର ପରିସମାପ୍ତି ପରେ ଆଁହଜରତ ସ.ଅ ମୃତାହତଙ୍କ ମଧ୍ୟରେ ଛିଡ଼ା ହେଲେ ଏବଂ ଅବୁ ଜହଲ୍‌କୁ ଖୋଜିବାକୁ ଆରମ୍ଭ କଲେ । ଆପଣ ସ.ଅ ଯେତେବେଳେ ଅବୁ ଜହଲ୍‌କୁ କେଉଁଠି ବି ପାଇଲେ ନାହିଁ ସେତେବେଳେ ଆପଣ ସ.ଅ ଏହି ଦୁଆ କଲେ, اَللّٰهُمَّ لَا يُعْجِزَنِّيْ فِرْعَوْنُ هٰذِهِ الْاُمَّةِ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ମୋତେ ସେହି ସଂପ୍ରଦାୟର ଫିରଔନ୍ ବିପକ୍ଷରେ ପରାଜିତ କରିଦେବ ନାହିଁ । ଅର୍ଥାତ୍ ଫିରଔନ୍ ଯେପରି କୁଆଡ଼େ ଖସି ପଳାଇ ନଯାଉ । ପୁନଶ୍ଚ ଲୋକମାନେ ଯେତେବେଳେ ଅବୁ ଜହଲ୍‌କୁ ଖୋଜିବା ଆରମ୍ଭ କଲେ ସେତେବେଳେ ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ତା'କୁ ଖୋଜି ବାହାର କରିଦେଲେ । **(ଅସ୍‌ସିରତୁଲ୍ ହଲବିୟାହ୍, ବାବ-ଜିକ୍ରୁ ମୁଗାଜିୟା, ଭାଗ-2, ପୃ-236, ଦୁରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2002 ମସିହା)**

ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ଏହି ପ୍ରାର୍ଥନା ମଧ୍ୟ କଲେ ଯେ, ହେ ଈଶ୍ୱର ! ଏପରି ନହେଉ ଯେ, ଅବୁ ଜହଲ୍ ତୁମ୍ଭ ହାତରୁ ଖସିଯିବ । **(ତାରିଖ୍ ତବ୍ରୀ, ଭାଗ-2, ପୃ-36, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁିତ୍-2012 ମସିହା)**

ଆଁହଜରତ ସ.ଅ ଯେତେବେଳେ ଅବୁ ଜହଲ୍ର ଶବକୁ ଖୋଜିବା ନିମନ୍ତେ ଆଦେଶ ଦେଲେ ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ମୃତାହତଙ୍କ ମଧ୍ୟରେ ଖୋଜି ଖୋଜି ଅବୁ ଜହଲ୍ ନିକଟକୁ ଆସିଲେ । ଆପଣ ସ.ଅ ସାହାବାମାନଙ୍କୁ ଅବୁ ଜହଲକୁ ଚିହ୍ନିବା ନିମନ୍ତେ କେତେକ ଲକ୍ଷଣ ସଂପର୍କରେ କହିଥିଲେ । ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାଗଣ ! ଅବୁ ଜହଲ୍ ସଂପର୍କରେ ତୁମେମାମେନ ଯଦି କିଛି ଜାଣି ନପାର ବା ତା'କୁ ଚିହ୍ନି ନପାର ତେବେ ତା'କୁ ଏହିପରି ଚିହ୍ନିବ ଯେ, ଅବୁ ଜହଲ୍ ଆଣ୍ଠୁରେ ଏକ ଆଘାତ ଚିହ୍ନ ରହିଛି । କାରଣ ଏକଦା ମୁଁ ଅବୁ ଜହଲ୍‌କୁ ଅବଦୁଲ୍ଲାଃ ବିନ୍ ଜୁଦ୍‌ଆନ୍‌ଙ୍କ ଘରେ ଏକ ନିମନ୍ତ୍ରଣ ଭୋଜି ଅବସରରେ ଜୋରରେ ଧକ୍କା ଦେଇଥିଲି । ଯଦ୍ଦ୍ୱାରାକି ସେ ଆଣ୍ଠୁ ଦ୍ୱାରା ପଡ଼ିଗଲା ଏବଂ ତା'ର ଆଣ୍ଠୁରେ ଆଘାତ ଲାଗି ସେ ଆହତ ହୋଇଯାଇଥିଲା। ସେହି ଆଘାତର ଚିହ୍ନ ବର୍ତ୍ତମାନ ପର୍ଯ୍ୟନ୍ତ ତା'ର ଆଣ୍ଠୁରେ ବିଦ୍ୟମାନ ରହିଛି । ଇବ୍‌ନେ ମସ୍‌ଉଦ୍ କୁହନ୍ତି, ସେହି ଚିହ୍ନକୁ ପାଥେୟ କରି ମୁଁ ଅବୁ ଜହଲ୍‌କୁ ଚିହ୍ନିଲି ଏବଂ ତା' ଶରୀରରେ ଏବେସୁଦ୍ଧା କିଛି ଜୀବନ ବାକି ଥିଲା । ମୁଁ ତା' ବେକରେ ଗୋଡ଼ ରଖିଦେଲି । କାରଣ ସେ ମୋତେ ବହୁତ କଷ୍ଟ ଦେଇଥିଲା । ମୁଁ କହିଲି, ହେ ଈଶ୍ୱରଙ୍କ ଶତ୍ରୁ ! ତୁ ଦେଖିଲୁ ଟି ଈଶ୍ୱର କିପରି ତୋତେ ତିରସ୍କୃତ କରିଦେଲେ ?

ସେ କହିଲା କେଉଁ କଥା ଯୋଗୁଁ ମୋତେ ତିରସ୍କୃତ କରାଗଲା ? ଜଣେ ବ୍ୟକ୍ତିକୁ ତୁମେ ମାରି ପକାଇଲ, କ'ଣ ହେଲା ସେଇଠୁ ? କ'ଣ ତୁମେ ଆଜି ପର୍ଯ୍ୟନ୍ତ ଏପରି କୌଣସି ବ୍ୟକ୍ତିକୁ ବଧ କରିଛ ଯିଏ ମୋ ଠାରୁ ଅଧିକ ସମ୍ମାନିତ ଏବଂ ମୋ ଠାରୁ ଅଧିକ ମର୍ଯ୍ୟାଦା ସମ୍ପନ୍ନ ହୋଇଥିବ ? ଆଚ୍ଛା କୁହ ତ' ଭଲା ବିଜୟ କାହାର ହେଲା ବା କିଏ ବିଜୟୀ ହେଲା ? ହ. ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ କହୁଥିଲେ ଯେ, ଅବୁ ଜହଲ୍ର ବେକ ଉପରେ ମୁଁ ଯେତେବେଳେ ପାଦ ରଖି ଚଢିଗଲି ସେତେବେଳେ ସେ ମୋତେ ନିଜର ଶେଷ ସମୟରେ କହିଲା, ହେ ନୀଚ ଛେଳି ଚରାଳୀ ! ତୁ ଏପରି ଏକ ସ୍ଥାନରେ ପାଦ ରଖି ଦେଇଛି ଯେଉଁଠି ତୋତେ ପାଦ ରଖିବା ଉଚିତ୍ ନଥିଲା। ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ କୁହନ୍ତି, ପୁନଶ୍ଚ ମୁଁ ନିଜର ମୁଣ୍ଡ କାଟିନେଲି ଏବଂ ହୁଜୁର ସ.ଅଙ୍କ ସେବାରେ ଆଣି ଆପଣ ସ.ଅଙ୍କ ପାଦ ତଳେ ପକାଇ ଦେଇ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏ ହେଉଛି ଈଶ୍ୱରଙ୍କ ଶତ୍ରୁ ଅବୁ ଜହଲ୍ର କଟା ମୁଣ୍ଡ । ହୁଜୁର ସ.ଅ ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ, اَللّٰهُ الَّذِيْ لَا اِلٰهَ اِلَّا هُوَ ଅର୍ଥାତ୍ ଅଲ୍ଲାଃତାଲା ହିଁ ସେହି ଅସ୍ତିତ୍ୱ ଏବଂ ସତ୍ତା ଅଟନ୍ତି ଯେକି ପବିତ୍ରବାନ୍ ଅଟନ୍ତି, ତାହାଙ୍କ ବ୍ୟତୀତ କେହି ଉପାସ୍ୟ ନୁହନ୍ତି । ଏହା ହେଉଛି ଇବ୍‌ନେ ହିଶ୍ଶାମଙ୍କ ବର୍ଣ୍ଣନା । **(ସିରତ୍ ଇବ୍‌ନେ ହିଶ୍ଶାମ, ପୃ-433, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2001 ମସିହା) (ଶରହ୍ ଜର୍କାନୀ, ଭାଗ-2, ପୃ-297, ପ୍ରକାଶନ ସ୍ଥାନ, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ ବୈରୁତ୍) (ସିରତ୍ ଇବ୍‌ନେ ହିଶ୍ଶାମ୍, ଅନୁବାଦକ, ଭାଗ-1, ପୃ-447, ପ୍ରକାଶନ ସ୍ଥାନ-ଇଦାରାହ୍ ଇସ୍‌ଲାମିୟାତ୍)**

ଅନ୍ୟ ଏକ ବର୍ଣ୍ଣନାରୁ ପ୍ରତିତ ହୁଏ ଯେ, ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ଯେତେବେଳେ ଅବୁ ଜହଲ୍‌କୁ ବଧ କରିଦେଲେ ସେତେବେଳେ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆଁହଜରତ ସ.ଅଙ୍କୁ ଅବୁ ଜହଲ୍ର ସଂହାର ସଂକ୍ରାନ୍ତରେ ସୂଚନା ଦେଲେ, ଆପଣ ସ.ଅ ତାଙ୍କ ସହିତ ପାଦରେ ଚାଲି ଚାଲି ଗଲେ ଏବଂ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯାହାଙ୍କ ସହିତ କେହିବି ଉପାସ୍ୟ ତଥା ସମକକ୍ଷ ନୁହନ୍ତି । ମୁଁ ମଧ୍ୟ କହିଲି, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯାହାଙ୍କ ସହିତ କେହିବି ସମକକ୍ଷ ନୁହନ୍ତି ଏବଂ ତାହାଙ୍କର କେହି ଉପାସ୍ୟ ନୁହନ୍ତି । ପୁନଶ୍ଚ ଅବୁ ଜହଲ୍ର ଶବ ନିକଟରେ ଆଁହଜରତ ସ.ଅ ଛିଡ଼ା ହୋଇ କହିଲେ, ହେ ଈଶ୍ୱରଙ୍କ ଶତ୍ରୁ ! ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ତୋତେ ତିରସ୍କୃତ କଲେ । **(ମସ୍‌ନଦ୍ ଅଲ୍ ଇମାମ୍ ଅହେମଦ ବିନ୍ ହମ୍ବଲ୍, ଭାଗ-2, ପୃ-165, ବର୍ଣ୍ଣା ସଂଖ୍ୟା-4246, ଆଲିମୁଲ୍ କୁତୁବ୍ ବୈରୁତ୍-1998 ମସିହା)**

ହ. କତାଦା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ପ୍ରତ୍ୟେକ ଜାତିରେ ଜଣେ ଜଣେ ଫିରଔନ୍ ଥାଆନ୍ତି । ଏହି ଜାତିର ଜଣେ ଫିରଔନ୍ ଅବୁ ଜହଲ୍ ଅଟେ । ଅଲ୍ଲାଃତାଲା ତା'କୁ ଅତ୍ୟନ୍ତ ବୀଭତ୍ସ ଓ ନୃଶଂସନୀୟ ଭାବରେ ବଧ କଲେ। ଇଫ୍ରାର ଦୁଇ ପୁତ୍ର ଏବଂ ଦେବଦୂତମାନେ ତା'ର ବଧ କଲେ ଏବଂ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ ତା'ର କାମ ତମାମ କଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍. ଭାଗ-4, ପୃ-52, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-1993 ମସିହା)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅବୁ ଜହଲ୍‌କୁ ଫିରଔନ୍ ବୋଲି ସମ୍ବୋଧନ କରାଯାଇଛି । କିନ୍ତୁ ମୋ ନିକଟରେ ସେ ତ' ଫିରଔନ୍ ଠାରୁ ମଧ୍ୟ ବଳି ଥିଲା । ଫିରଔନ୍ ଶେଷରେ କହିଥିଲା, آمَنْتُ أَنَّهُ لَا إِلٰهَ إِلَّا الَّذِيْ آمَنَتْ بِهِ بَنُوْ إِسْرَائِيْلَ **(ୟୁନୁସ: 91)** ଅର୍ଥାତ୍ ମୁଁ ମଧ୍ୟ ତାହାଙ୍କ ଉପରେ ବିଶ୍ୱାସ କରୁଅଛି ଯେ ତାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନାହିଁ ଏବଂ ମୁଁ ଆଜ୍ଞା ପାଳନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଅଛି ।" **(ମଲ୍‌ଫୁଜାତ୍, ଭାଗ-4, ପୃ-247, ପ୍ରକାଶନ ବର୍ଷ-1984 ମସିହା)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତଃ ଆଁହଜରତ ସ.ଅ ହ. ମୁସା ଅ.ସଙ୍କ ପରି ନିଜ ଜାତିର ସତ୍ୟବାଦୀମାନଙ୍କୁ ନୃଶଂସ ରକ୍ତ ପିପାସୁ ଅତ୍ୟାଚାରୀମାନଙ୍କ ଠାରୁ ମୁକ୍ତି ପ୍ରଦାନ କିରଥିଲେ । ଆପଣ ସ.ଅ ମୁସା ଅ.ସଙ୍କ ପରି ସେମାନଙ୍କୁ ମକ୍କାରୁ ମଦିନା ଆଡ଼କୁ ଟାଣି ଆଣିଥିଲେ ଓ ଅବୁ ଜହଲ୍ ଯେକି ଉକ୍ତ ସଂପ୍ରଦାୟର ଫିରଔନ୍ ଥିଲା ବଦର୍ ଯୁଦ୍ଧ ଭୂମିରେ ତା'ରା ସଂହାର କରିଥିଲେ।" **(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଭାଗ-15, ପୃ-523)**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ବଦର୍ ଯୁଦ୍ଧ ଅବସରରେ ମକ୍କାର ଅବଜ୍ଞାକାରୀମାନେ ଯେତେବେଳେ ଆସିଲେ ସେତେବେଳେ ସେମାନେ ଏହା ଭାବିଲେ ଯେ, ବର୍ତ୍ତମାନ ଆମେମାନେ ମୁସଲମାନମାନଙ୍କୁ ମାରିଦେଲୁ । ଅବୁ ଜହଲ୍ କହିଲା, ଆମେ ଆଜି ଇଦ୍ ପାଳନ କରିବୁ ଏବଂ ଭଲ ଭାବରେ ମଦ୍ୟ ପାନ କରିବୁ ଏବଂ ଅବୁ ଜହଲ୍ ଭାବିଲା ଯେ, ବର୍ତ୍ତମାନ ଆମେମାନେ ମୁସଲମାନମାନଙ୍କୁ ମାରି ଦମ୍ ନେବୁ ଓ ପଛ ଘୁଞ୍ଚା ଦେବୁ । କିନ୍ତୁ ସେହି ଅବୁ ଜହଲ୍‌କୁ ମଦିନାର ଦୁଇ ବୀର ପୁତ୍ର (ମକ୍କାର ଅବଜ୍ଞାକାରୀମାନେ ମଦିନାବାସୀଙ୍କୁ ଅତ୍ୟନ୍ତ ତୁଚ୍ଛ, ନୀଚ ଏବଂ ହୀନ ବୋଲି ମନେକରୁଥିଲେ ଏବଂ ସେମାନଙ୍କୁ ଅରାଇଁ ବୋଲି ସମ୍ବୋଧନ କରୁଥିଲେ) ବଧ କରିଥିଲେ । ଅର୍ଥାତ୍ କେବଳ ପନି ପରିବା ଚାଷୀ, ଚାଷାବାସ କାର୍ଯ୍ୟ କରୁଥିବା ଚାଷୀ ବୋଲି କହୁଥିଲେ । ଏମାନଙ୍କୁ ଯୁଦ୍ଧ କ'ଣ ବା ଜଣା ? ସେ ଯାହା ହେଉ ସେହି ଦୁଇ ଜଣ ଯୁବକ ଅବୁ ଜହଲ୍‌କୁ ହତ୍ୟା (ସଂହାର) କରିଥିଲେ। ତା'ର ଏହିପରି ଶେଷ ଇଚ୍ଛା (ଅର୍ଥାତ୍ ଲାଳସା ବା ଉତ୍କଣ୍ଠା) ପ୍ରାପ୍ତ ହେଲା ଯେ, ତା'ର

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲ୍‌ଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଶେଷ ଇଚ୍ଛା ମଧ୍ୟ ପୂରଣ ହୋଇ ପାରିଲା ନାହିଁ । (ଆରବରେ ଏହି ପ୍ରଥା ରହିଥିଲା ଯେ, ଯେଉଁ ବ୍ୟକ୍ତି ଅଧିପତି ହେଉଥିଲା ସେ ଯଦି ଯୁଦ୍ଧରେ ମୃତ୍ୟୁବରଣ କରୁଥିଲା ସେତେବେଳେ ତା'ର ବେକକୁ ଦୀର୍ଘ (ଲମ୍ବା) କରି କଟା ଯାଉଥିଲା । କାରଣ ସେ ଯେପରି ପରିଚିତ ହେଉ ଯେ, ସେ ଏକ ଅଧିପତି ଥିଲା) ଅବ୍ଦୁଲ୍ଲାଃ ବିନ୍ ମସ୍ଉଦ୍ ତା'କୁ ଦେଖିଲା (ଅର୍ଥାତ୍ ଅବୁ ଜହଲ୍ ଯେତେବେଳେ ବେହୋଶ୍ ହୋଇ ନିଷ୍କ୍ରିୟ ହୋଇ କ୍ଷତାକ୍ତ ଏବଂ ଆହତ ଆବସ୍ଥାରେ ପଡ଼ିଥିଲା) ଏବଂ ପଚାରିଲା ଯେ, ତୁମର ଅବସ୍ଥା କେମିତି ଅଛି ? ସେ କହିଲା, ମୋତେ ଆଉ କିଛି ତ' ଅବଶୋଷ ନାହିଁ । କେବଳ ଏହି ଅବଶୋଷ ରହିଗଲା ଯେ, ବର୍ତ୍ତମାନ ମୋର ଏହି ଇଚ୍ଛା ରହିଛି ଯେ, ମୋର ବେକ ଟିକିଏ ଲମ୍ବା ଚଉଡ଼ା କରି କାଟିଦିଅ । ସେ କହିଲେ ମୁଁ ତୋର ଏହି ଶେଷ ଇଚ୍ଛା ମଧ୍ୟ ପୂରଣ ହେବାକୁ ଦେବି ନାହିଁ ଏବଂ ତା'ର ବେକକୁ ଥୋଡ଼ି ପାଖରୁ କଠୋରତାପୂର୍ବକ କାଟିଲି । ସେ (ଅବ୍ଦୁଲ୍ଲାଃ ଇବ୍ନେ ମସ୍ଉଦ୍) କହିଲେ, ହେ ଅବୁ ଜହଲ୍ ! ମୁଁ ତୋର ଏହି ଶେଷ ଇଚ୍ଛା ମଧ୍ୟ ପୂରଣ ହେବାକୁ ଦେବି ନାହିଁ ଏବଂ ତା'ର ବେକ ଥୋଡ଼ି ପାଖରେ କଠୋରତାପୂର୍ବକ କାଟିଦେଲି ଏବଂ ସେ ଯେଉଁ ଇଦ୍ ପାଳନ କରିବାକୁ ଚାହୁଁଥିଲା ତାହା ହିଁ ତା' ପାଇଁ ଶୋକ ଏବଂ କାଳ ପାଲଟିଗଲା, ସେହି ମଦିରା ଯାହାକୁ ସେ ପାନ କରିଥିଲା ତାହାକୁ ସେ ହଜମ୍ ମଧ୍ୟ କରି ପାରିଲା ନାହିଁ । **(ଖୁତ୍ବାତେ ମେହ୍ମୁଦ୍, ଭାଗ-1, ପୃ-11)**"

ମୁସରିକିନ୍ମାନଙ୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତିମାନେ) ଉପରକୁ ଆଁହଜରତ ସ.ଅଙ୍କ ପକ୍ଷରୁ ଟେକା ଫିଙ୍ଗିବା ଘଟଣା ସଂପର୍କରେ ସହି ବୁଖାରୀରେ ଏହିପରି ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଯେତେବେଳେ ଶିବିର ମଧ୍ୟରେ ଦୁଆ କରୁଥିଲେ ସେତେବେଳେ ହ. ଅବୁ ବକର ର.ଅ ଆପଣ ସ.ଅଙ୍କ ହାତ ଧରିନେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେତିକି ଥାଉ ଆପଣ ସ.ଅ ନିଜ ପାଳନକର୍ତ୍ତାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିବାରେ ବହୁତ ଜିଦ୍ କରି ନେଇଛନ୍ତି । ଆପଣ ସ.ଅ ସେତେବେଳେ ଲୌହ କବଚ ପରିଧାନ କିରଥିଲେ । ଆପଣ ସ.ଅ ଶିବିର ମଧ୍ୟରୁ ବାହାରିଲେ ଏବଂ ଆପଣ ସ.ଅ ଏହା ପାଠ କରୁଥିଲେ ଯେ, سَيُهْزَمُ الْجَمْعُ وَيُوَلُّونَ الدُّبُرَ بَلِ السَّاعَةُ مَوْعِدُهُمْ وَالسَّاعَةُ أَدْهَىٰ وَأَمَرُّ **(ଅଲ୍ କମର: 46-47)** ଅର୍ଥାତ୍ ଶୀଘ୍ର ସେମାନଙ୍କ ଦଳ ପରାଜିତ ହେବ ଏବଂ ସେମାନେ ପୃଷ୍ଠ ଭଙ୍ଗ କରି ପଳାୟନ କରିବେ । ବରଂ ସେମାନଙ୍କ ବିନାଶ କାଳ ବିଷୟରେ ଅଙ୍ଗୀକାର କରାଯାଇଛି ଏବଂ ସେହି ଅଙ୍ଗୀକୃତ ସମୟ ଅତ୍ୟନ୍ତ ବିନାଶଶୀଳ ଓ କଠୋର ହେବ । **(ସହୀ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ମା କିଲା ଫି ଦର୍ଇନ୍ ନବୀ ସ.ଅ ୱଲ୍ କମିସା ଫିଲ୍ ହର୍ବି, ହଦିସ ନଂ-2915)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ଏହାର ବିବରଣୀ ପ୍ରଦାନ କରି ସିରତ୍ ଖାତମୁନ୍ ନବୀୟିନ୍‌ରେ ଉଲ୍ଲେଖ କରନ୍ତି ଯେ, ପ୍ରବାସକାରୀ, ଅନ୍ସାର ଓ ସମସ୍ତ ମୁସଲମାନମାନେ ସକଳ ସାମର୍ଥ୍ୟ ଏବଂ ନିଷ୍ଠାପୂର୍ଣ୍ଣ ମନୋଭାବ ରଖି ଲଢିଥିଲେ । କିନ୍ତୁ ଶତ୍ରୁର ଆଧିକ୍ୟତା ଏବଂ ତା'ର ସାଧନର ଆଧିକ୍ୟତା କିଛି ଆଗକୁ ଯିବାକୁ ଦେଉ ନଥିଲା (ଅର୍ଥାତ୍ କିଛି ଫରକ୍ ପଡୁ ନଥିଲା) ଏବଂ ଦୀର୍ଘ କାଳ ପର୍ଯ୍ୟନ୍ତ ଫଳାଫଳ ଆଶଙ୍କିତ ହୋଇ ରହିଥିଲା । ଆଁହଜରତ୍ ସ.ଅ ନିରନ୍ତର ଦୁଆ, କାକୁତି ମିନତୀରେ ନିମଜ୍ଜିତ ଥିଲେ । ଆପଣ ସ.ଅଙ୍କ ବ୍ୟାକୁଳତା କ୍ରମଶଃ ବୃଦ୍ଧି ପାଉଥିଲା । କିନ୍ତୁ ଦୀର୍ଘ ସମୟ ପରେ ଆପଣ ସ.ଅ ଯେତେବେଳେ ସିଜ୍ଦାରୁ ଉଠିଲେ ସେତେବେଳେ ଐଶୀ ଶୁଭସମାଚାର سَيُهْزَمُ الْجَمْعُ وَيُوَلُّونَ الدُّبُرَ କହି ଶିବିର ମଧ୍ୟରୁ ବାହାରକୁ ବାହାରି ଆସିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍ଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ, ପୃ-362-363)**

ଇମାମ୍ ରାଜି ର.ଅ ସୁରାଃ ଅନ୍ଫାଲର ଆୟତ୍ وَمَا رَمَيْتَ إِذْ رَمَيْتَ وَلَٰكِنَّ اللَّهَ رَمَىٰ **(ଅଲ୍ ଅନ୍ଫାଲ୍: 18)** ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଯେତେବେଳେ ଗୋଡ଼ି ନିକ୍ଷେପ କରିଥିଲ ତାହା ତୁମ୍ଭେ ନିକ୍ଷେପ କରି ନଥିଲ ବରଂ ଅଲ୍ଲାଃ ନିକ୍ଷେପ କରିଥିଲେ । ଉପରୋକ୍ତ ତଫ୍ସିର୍‌ର ବର୍ଣ୍ଣନା କରି ଇମାମ୍ ରାଜି ଉଲ୍ଲେଖ କରନ୍ତି ଯେ, ଯେତେବେଳେ କୁରୈଶ୍ମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଦୁଆ କଲେ ଯେ, ହେ ଅଲ୍ଲାଃ ! ଏହି କୁରୈଶ୍ ସଂପ୍ରଦାୟ ନିଜର ଅଶ୍ୱ, ଅହଂକାରପୂର୍ବକ ଜିନିଷ ପତ୍ର ଏପରି ଅବସ୍ଥାର ଆସିଛି ଯେପରିକି ସେମାନେ ତୁମ୍ଭର ବାର୍ତ୍ତାବହଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ଅସ୍ୱୀକାର କରୁଛନ୍ତି ।

ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରେ ସେହି ବସ୍ତୁ ଭିକ୍ଷା କରୁଅଛି ଯେଉଁ ବସ୍ତୁ ତୁମ୍ଭେ ପ୍ରଦାନ କରିବା ନିମନ୍ତେ ପ୍ରତିଶୃତି ଦେଇଅଛ । ସୁତରାଂ ହ. ଜିବ୍ରାଇଲ୍ ଅ.ସ ଅବତୀର୍ଣ୍ଣ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଠାଏ ମାଟି (ଗୋଡ଼ି) ନିଅନ୍ତୁ ଏବଂ ଅବଜ୍ଞାକାରୀମାନଙ୍କ ଆଡ଼କୁ ଫିଙ୍ଗି ଦିଅନ୍ତୁ । ପୁନଶ୍ଚ ଯେତେବେଳେ ଉଭୟ ସୈନ୍ୟ ବାହିନୀ ପରସ୍ପର ମୁହାଁମୁହିଁ ହେଲେ ସେତେବେଳେ ଆପଣ ସ.ଅ ହ. ଅଲୀ ର.ଅଙ୍କୁ କହିଲେ, ହେ ଅଲୀ ! ଉପତ୍ୟକାଟି ସଂପୂର୍ଣ୍ଣ ଗୋଡ଼ି ପଥର ଦ୍ୱାରା ପରିପୂର୍ଣ୍ଣ ଅଟେ । ତେଣୁ ତୁମେ ମୁଠାଏ ମାଟି (ଗୋଡ଼ି) ଧରାଅ (ହାତକୁ ଟେକିଦିଅ) । ତେଣୁ ଏହି ମୁଠାଏ ମାଟିକୁ ଆପଣ ସ.ଅ ଅବଜ୍ଞାକାରୀଙ୍କ ମୁଖ ଆଡ଼କୁ ଫିଙ୍ଗିଦେଇ କହିଲେ, شَاهَتِ الْوُجُوهُ ଅର୍ଥାତ୍ ମୁଖଣ୍ଡଳ ଯେତେବେଳେ ଧୂଳି ଧୂଷରିତ ହୋଇଯିବ ସେତେବେଳେ ମୁସ୍ରିକିନମାନେ ନିଜର ଆଖି ମଳିବାକୁ ଲାଗିବେ । ଯଦ୍ଦ୍ୱାରାକି ସେମାନେ ପରାଜିତ ହୋଇଗଲେ । ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: وَمَا رَمَيْتَ إِذْ رَمَيْتَ وَلَٰكِنَّ اللَّهَ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଯେତେବେଳେ ଗୋଡ଼ି ନିକ୍ଷେପ କରିଥିଲ, ବାସ୍ତବରେ ତାହା ତୁମ୍ଭେ ନିକ୍ଷେପ କରି ନଥିଲ ବରଂ ଅଲ୍ଲାଃ ନିକ୍ଷେପ କରିଥିଲେ । କହିବାର ତାତ୍ପର୍ଯ୍ୟ ଏହିକିଯେ, ଆପଣ ସ.ଅଙ୍କର ଗୋଡ଼ି ଫିଙ୍ଗିବା ସେତିକି ପ୍ରଭାବଶାଳୀ ହୋଇପାରିବ ଯେତିକି ଏକ ସାଧାରଣ ମନୁଷ୍ୟ ଗୋଡ଼ି ଫିଙ୍ଗିଲେ ପ୍ରଭାବଶାଳୀ ହୋଇପାରିବ । ବରଂ ଅଲ୍ଲାଃତାଲା ସେହି ଗୋଡ଼ି ଫିଙ୍ଗିଛନ୍ତି ଯଦ୍ଦ୍ୱାରାକି ସେହି ଗୋଡ଼ି କଣିକା ମୁଶରିକିନମାନଙ୍କ ଚକ୍ଷୁ ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ତେବେ ଏହି ଗୋଡ଼ି ଫିଙ୍ଗିବାର ଅବସ୍ଥା ନବୀ କରୀମ୍ ସ.ଅଙ୍କ ଦ୍ୱାରା ସମ୍ପାଦିତ ହେଲା । କିନ୍ତୁ ଏହାର ପ୍ରଭାବ ଅଲ୍ଲାଃତାଲାଙ୍କ ଦ୍ୱାରା ସମ୍ପାଦିତ ହେଲା । **(ତଫ୍ସିରୁଲ୍ କବିର୍, ଇମାମ୍ ରାଜି, ଗ୍ରନ୍ଥଖଣ୍ଡ-8,ଭାଗ-15, ପୃ-112, ମକ୍ତବା ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2004 ମସିହା)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସେହି ଯୁଦ୍ଧ ଭୂମିର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି: "ବାହରକୁ ଆସି ଆପଣ ସ.ଅ ଯେତେବେଳେ ଚତୁର୍ଦିଗରେ ନିଜର ଦୃଷ୍ଟି ପକାଇଲେ ସେତେବେଳେ ଯୁଦ୍ଧ ବିଭିଷୀକା ଏବଂ ରକ୍ତ ରଞ୍ଜିତ ଯୁଦ୍ଧ ଭୂମିକୁ ଦେଖିବାକୁ ପାଇଲେ । ସେତେବେଳେ ଆପଣ ସ.ଅ ବାଲି ଏବଂ ମୁଠାଏ ଗୋଡ଼ି ଉଠାଇ ତାହାକୁ ଅବିଶ୍ୱାସକାରୀମାନଙ୍କ ଆଡ଼କୁ ଫିଙ୍ଗିଲେ ଏବଂ ଉତ୍ସାହର ସହିତ କହିଲେ, شَاهَتِ الْوُجُوهُ ଅର୍ଥାତ୍ ଶତ୍ରୁମାନଙ୍କର ମୁଖମଣ୍ଡଳ ବିଗିଡ଼ି ଯାଉ ଏବଂ ତତ୍ସହିତ ଆପଣ ସ.ଅ ମୁସଲମାମାନଙ୍କୁ ଡାକି କହିଲେ, ହେ ମୁସଲମାନମାନେ! ବର୍ତ୍ତମାନ ସହସା ଆକ୍ରମଣ କର । ମୁସଲମାନମାନଙ୍କର କର୍ଣ୍ଣରେ ନିଜର ପ୍ରିୟ ମୁନିବ ସ.ଅଙ୍କ ସ୍ୱର ପହଞ୍ଚିଲା ଏବଂ ସେମାନେ ତକ୍ବିର୍ ଏବଂ ଶ୍ଲୋଗାନ୍ ଦେଇ ସହସା ଆକ୍ରମଣ କରିଦେଲେ । ଅନ୍ୟ ପଟରେ ଆପଣ ସ.ଅ ମୁଠାଏ ବାଲି ଫିଙ୍ଗିଥିଲେ । କାରଣ ସେହି ମୁଠାଏ ବାଲି ଫିଙ୍ଗିବା ଦ୍ୱାରା ଏପରି ଝଡ଼ ଆସିଲା ଯେ, ଅବଜ୍ଞାକାରୀର ଚକ୍ଷୁ, ମୁଖ, ନାସା ଗୋଡ଼ି ତଥା ଧୂଳି ଦ୍ୱାରା ଧୂଷରିତ ହେବାକୁ ଲାଗିଲା । ଆପଣ ସ.ଅ କହିଲେ, ଏ ହେଉଛି ଈଶ୍ୱରଙ୍କ ଦେବଦୂତଙ୍କର ସୈନ୍ୟବାହିନୀ ଯିଏ ଆମମାନଙ୍କର ସାହାଯ୍ୟ ନିମିନ୍ତେ ଆସିଛନ୍ତି । ସେହିପରି ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେତେବେଳେ କେତେକ ଲୋକମାନଙ୍କୁ ଏହି ଦେବଦୂତମାନେ ଦୃଶ୍ୟମାନ ମଧ୍ୟ ହେଲେ । ସେ ଯାହା ହେଉ ଉତ୍ବା, ଶୈବା, ଅବୁ ଜହଲ୍ ପରି କୁରୈଶ୍ର ଅଧିପତିମାନେ ମାଟି ମିଶି ଯାଇଥିଲେ । ମୁସଲମାନମାନଙ୍କର ଏହି ସହସା ଆକ୍ରମଣ ଏବଂ ଝଡ଼ ତୋଫାନ ଯୋଗୁଁ କୁରୈଶ୍ର ପାଦ ଯୁଦ୍ଧ ଭୂମିରୁ ଉପୁଡ଼ିବାକୁ ଲାଗିଲା । ଅର୍ଥାତ୍ ସେମାନେ ଆଉ ମୁସଲମାନମାନଙ୍କ ବିରୁଦ୍ଧରେ ତିଷ୍ଠି ପାରିଲେ ନାହିଁ । ଶୀଘ୍ର ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀରେ ଦଳା ଚକଟା ଆରମ୍ଭ ହୋଇଗଲା ଏବଂ କିଛି ସମୟ ମଧ୍ୟରେ ଯୁଦ୍ଧଭୂମି ପରିଷ୍କାର ଥିଲା।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-363)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପ୍ରଭୁଙ୍କ ସହିତ ଏପରି ତଲ୍ଲୀନତାରେ ବେଳେବେଳେ ମନୁଷ୍ୟ ଦ୍ୱାରା ଏପରି ଅଲୌକିକ କର୍ମ ସମ୍ପାଦିତ ହୋଇଥାଏ ଯାହା ମନୁଷ୍ୟ ସାମର୍ଥ୍ୟ ବହିର୍ଭୂତ ପ୍ରତୀୟମାନ ହୋଇଥାଏ ଏବଂ ଐଶୀ ଶକ୍ତି ପରି ଶକ୍ତି ନିଜ ମଧ୍ୟରେ ବ୍ୟକ୍ତି ରଖି ଥାଆନ୍ତି । ଯେପରିକି ଆମର ପ୍ରିୟ ମୁନିବ୍ ତଥା ନବୀ ଶିରୋମଣି, ନିବୀ ଶ୍ରେଷ୍ଠ ହ. ମୁହମ୍ମଦ ସ.ଅଙ୍କ ଦ୍ୱାରା ବଦର୍ ଯୁଦ୍ଧ ଅବସରରେ ମୁଠାଏ ଗୋଡ଼ି ଅବଜ୍ଞକାରୀମାନଙ୍କ ଉପରକୁ ଫିଙ୍ଗା ଯାଇଥିଲା ଏବଂ ସେହି ମୁଠାଏ ଗୋଡ଼ି କୌଣସି ଦୁଆ ମାଧ୍ୟମରେ ନୁହଁ ବରଂ ସ୍ୱୟଂ ନିଜ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଆପଣ ସ.ଅ ପ୍ରୟୋଗ (ଫିଙ୍ଗି) କରିଥିଲେ । କିନ୍ତୁ ସେହି ମୁଠାଏ ଗୋଡ଼ି ଐଶୀ ଶକ୍ତି ପ୍ରଦର୍ଶନ କଲା ଏବଂ ବିରୋଧୀ ସୈନ୍ୟବାହିନୀ ଉପରେ ଏପରି ଅପୂର୍ବ ଚମତ୍କାରମୂଳକ ପ୍ରଭାବ ପକାଇଲା ଯେ, ଅବଜ୍ଞାକାରୀମାନଙ୍କ ମଧ୍ୟରୁ କୌଣସି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ବ୍ୟକ୍ତି ରହି ନଥିଲା ଯାହାର ଚକ୍ଷୁରେ ଏହି ମୁଠାଏ ଧୂଳି ଗୋଡ଼ିର ପ୍ରଭାବ ପଡ଼ି ନଥିଲା । ସେମାନେ ସମସ୍ତେ ଅନ୍ଧଙ୍କ ପରି ହୋଇଗଲେ ଏବଂ ସେମାନଙ୍କ ମଧ୍ୟରେ ଏପରି ବ୍ୟସ୍ତ ବିବ୍ରତ ତଥା ଚିନ୍ତା ସୃଷ୍ଟି ହେଲା ଯେ, ସେମାନେ ପାଗଳଙ୍କ ପରି ପଳାୟନ କରିବାକୁ ଆରମ୍ଭ କରିଦେଲେ । ଉକ୍ତ ଚମତ୍କାର ଆଡ଼କୁ ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ ଇଙ୍ଗିତ କରନ୍ତି ଯାହାର ଅନୁବାଦ ଏହିପରି ଅଟେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଯେତେବେଳେ ଗୋଡ଼ି ନିକ୍ଷେପ କରିଥିଲ, ବାସ୍ତବରେ ତାହା ତୁମ୍ଭେ ନିକ୍ଷେପ କରି ନଥିଲ ବରଂ ଅଲ୍ଲାଃ ନିକ୍ଷେପ କରିଥିଲେ ।" **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-65)**

ସେ ଯାହା ହେଉ କିଛି ସମୟ ପରେ ମୁସ୍‌ରିକିରମାନଙ୍କ ମଧ୍ୟରେ ବିଫଳତା ଏବଂ ବ୍ୟଗ୍ରତାର ଲକ୍ଷଣ ପ୍ରକଟିତ ହୋଇଗଲା । ସେମାନଙ୍କ ଧାଡ଼ି ଗୁଡ଼ିକରେ ମୁସଲମାନମାନେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ କ୍ଷିପ୍ତ ବିକ୍ଷିପ୍ତ କରିଦେଲେ। ସେମାନଙ୍କ ମଧ୍ୟରେ ଦଳା ଚକଟା ଆରମ୍ଭ ହୋଇଗଲା । ମୁସଲମାନମାନେ ସେମାନଙ୍କର ପିଛା କଲେ ଏବଂ ସେମାନଙ୍କୁ ଖୋଲମ ଖୋଲା ପରାଜିତ କରିଦେଲେ ।ହ. ସାଆଦ୍ ର.ଅଙ୍କ କୁଫ୍ଫାର୍ ବିରୁଦ୍ଧରେ ପ୍ରବଳ ଉତ୍ସାହ ଜନିତ ଉତ୍କଣ୍ଠା ସଂପ୍ରର୍କରେ ଚର୍ଚ୍ଚା ମିଳେ ଯେ, ଯେତେବେଳେ ଶତ୍ରୁ ପରାଜିତ ହୋଇ ନିଜର ଅସ୍ତ୍ର ପକାଇଦେଲେ ଏବଂ ସାହାବାମାନେ ସେମାନଙ୍କୁ ଯେତେବେଳେ ଗିରଫ କରିବାକୁ ଲାଗିଲେ ସେତେବେଳେ ଆପଣ ସ.ଅ ଏହା ଅବଲୋକନ କଲେ ଯେ, ହ. ସାଆଦ୍ ର.ଅଙ୍କ ମୁଖମଣ୍ଡଳଟି ଉକ୍ତ ଦୃଶ୍ୟ ଯୋଗୁଁ ଅସହ୍ୟ ଏବଂ ଅସ୍ୱୀକାରର ଲକ୍ଷଣ ସ୍ପଷ୍ଟ ରୂପେ ଦୃଶ୍ୟମାନ ହେଉଥିଲା । ଅର୍ଥାତ୍ ମୁସଲମାନମାନଙ୍କର ଏହି କାର୍ଯ୍ୟକୁ ସେ ଅପ୍ରିତୀକର ଦୃଷ୍ଟିରେ ଦେଖୁଥିଲେ । ଆପଣ ସ.ଅ ହ. ସାଆଦ୍ ର.ଅଙ୍କୁ କହିଲେ, ହେ ସାଆଦ୍ ! ଏପରି ପ୍ରତିତ ହେଉଛି ଯେ, ତୁମେ ଜାତିର ଏଭଳି ଆଚରଣ ଅର୍ଥାତ୍ ମୁସଲମାନମାନଙ୍କର ଅବିଶ୍ୱାସାକାରୀମାନଙ୍କୁ ଗିରଫ କରିବା ଆଚରଣକୁ ତୁମେ ପସନ୍ଦ କରୁ ନାହଁ । ହ. ସାଆଦ୍ ର.ଅ କହିଲେ, ନିଃସନ୍ଦେହ ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅବିଶ୍ୱସକାରୀମାନଙ୍କ ସହିତ ଏହା ଆମର ପ୍ରଥମ ଯୁଦ୍ଧ ଅଟେ । ଅତଏବ୍ ମୋ ନିକଟରେ ସେହି ଅବଜ୍ଞାକାରୀମାନଙ୍କୁ ବନ୍ଦୀ କରି ଜୀବିତ ରଖିବା ଅପେକ୍ଷା ସେମାନଙ୍କର ସଂହାର କରିଦେବା ଅଧିକ ଶ୍ରେୟସ୍କର ଅଟେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2 ପୃ-230, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା)**

ବଦର୍ ଯୁଦ୍ଧରେ ଦେବଦୂତମାନଙ୍କର ଅବତୀର୍ଣ୍ଣ ହେବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: اِذۡ تَسۡتَغِیۡثُوۡنَ رَبَّکُمۡ فَاسۡتَجَابَ لَکُمۡ اَنِّیۡ مُمِدُّکُمۡ بِاَلۡفٍ مِّنَ الۡمَلٰٓئِکَۃِ مُرۡدِفِیۡنَ **(ଅଲ୍ ଅନ୍‌ଫାଲ୍: 10)** ଏବଂ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ ତୁମେମାନେ ନିଜ ପାଳନକର୍ତ୍ତାଙ୍କର ସାହାଯ୍ୟ ଭିକ୍ଷା କରିଥିଲ ସେତେବେଳେ ସେ ତୁମାମାନଙ୍କର ପ୍ରାର୍ଥନାକୁ ଗ୍ରହଣ କରି କହିଥିଲେ, "ଆମ୍ଭେ ତୁମମାନଙ୍କୁ ଏକ ସହସ୍ର ଦେବଦୂତଙ୍କ ଦ୍ୱାରା ସାହାଯ୍ୟ କରିବୁ ଯେଉଁମାନଙ୍କ ସୈନ୍ୟଦଳର ଉତ୍ତରୋତ୍ତର ବୃଦ୍ଧି ହେଉଥିବ ।"

ବଦର୍ ଯୁଦ୍ଧରେ ଦେବଦୂତମାନଙ୍କର ପୁଷ୍ଟି ସ୍ୱୟଂ ଆଂହଜରତ ସ. ଅ ମଧ୍ୟ କରିଛନ୍ତି । ନବୀ କରୀମ୍ ସ.ଅ ବଦର୍ ଦିନ କହିଲେ, ଏ ହେଉଛନ୍ତି ଜିବ୍ରାଇଲ୍ । ସେ ନିଜ ଅଶ୍ୱମାନଙ୍କର ଲଗାମକୁ ଧରି ରଖିଛନ୍ତି ଏବଂ ସେମାନେ ଯୁଦ୍ଧ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ଅଟନ୍ତି । ସିରତ୍ ଇବ୍‌ନେ ହିଶ୍ଶାମ୍‌ରେ ଉଲ୍ଲେଖ ରହିଛି ଯେ, ଅନେକ ସାହାବାମାନଙ୍କର ବର୍ଣ୍ଣନା ବଦର୍ ଦିନ ଦେବଦୂତମାନଙ୍କର ଅବତୀର୍ଣ୍ଣ ହେବା ସଂପର୍କରେ ସାବ୍ୟସ୍ତ କରେ । **(ଦଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ, ଭାଗ-6, ପୃ-214, ବଜମେ ଇକ୍‌ବାଲ୍, ଲାହୋର, ଏପ୍ରିଲ୍-2022 ମସିହାରୁ ଉଦ୍ଧୃତ)**

ସାହାବାମାନଙ୍କର ଦେବଦୂତମାନଙ୍କ ସଂକ୍ରାନ୍ତରେ ଅନେକ ବର୍ଣ୍ଣନା ରହିଛି। ହ. ଜିବ୍ରାଇଲ୍ ଅ.ସ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବଂ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁସଲମାନମାନଙ୍କ ମଧ୍ୟରେ ବଦର୍‌ବାସୀଙ୍କୁ ଆପଣ ସ.ଅ କେଉଁ ମର୍ଯ୍ୟାଦା ଆପଣ ପ୍ରଦାନ କରୁଛନ୍ତି ? ଆପଣ ସ.ଅ କହିଲେ, ସର୍ବୋତ୍କୃଷ୍ଟ କିମ୍ବା ଏହିପରି କୌଣସି ଶବ୍ଦ ପ୍ରୟୋଗ କରିଥିଲେ । ଜିବ୍ରାଇଲ୍ ଅ.ସ କହିଲେ, ଏହିପରି ସେହି ଦେବଦୂତମାନେ ମଧ୍ୟ ସର୍ବଶ୍ରେଷ୍ଠ ଅଟନ୍ତି ଯେଉଁମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଶୁହୁଦୁଲ୍ ମଲାଇକତା ବଦ୍‌ରନ୍, ହଦିସ୍ ନଂ-3992)**

ଜଣେ ଜୀବନୀ ଲେଖକ ଏହି ବର୍ଣ୍ଣନା ମଧ୍ୟ ଉଦ୍ଧୃତ କରିଛନ୍ତି ଯେ, ହ. ଇବ୍‌ନେ ଅବ୍‌ବାସଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ମୋତେ ବନି ଗଫ୍ଫାର୍‌ର ଜଣେ ବ୍ୟକ୍ତି ବର୍ଣ୍ଣନା କଲେ ଯେ, ମୁଁ ଓ ମୋର ଚଚାଙ୍କ ପୁତ୍ର ଆମେ ଦୁହେଁ ଆସିଲୁ ଏବଂ ଏପରି ଏକ ପର୍ବତ ଉପରେ ଚଢିଗଲୁ ଯେଉଁଠି ବଦର୍‌ର ଦୃଶ୍ୟ ଦୃଶ୍ୟମାନ ହେଉଥିଲା । ଆମେମାନେ ମୁସ୍‌ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ଥିଲୁ ଏବଂ ଅପେକ୍ଷ କରୁଥିଲି ଯେ, ଯୁଦ୍ଧରେ କାହା ଉପରେ ବିପତ୍ତି ଅବତୀର୍ଣ୍ଣ ହେଉଛି ? ଅର୍ଥାତ୍ କିଏ କାହାକୁ ପରାଜିତ କରୁଛି । କାରଣ ଆମେମାନେ ମଧ୍ୟ ଲୁଣ୍ଠନକାରୀଙ୍କ ସହିତ ମିଶି ଲୁଣ୍ଠନ କରିବାରେ ସାମିଲେ ହୋଇଯିବୁ । ସୁତରାଂ ସେହି ସମୟରେ ଆମେମାନେ ପର୍ବତ ଉପରେ ଥିଲୁ ମେଘ ବଉଦ୍ (ବାଦଲ)ର ଏକ ଖଣ୍ଡ ଆମର ନିକଟବର୍ତ୍ତୀ ହେଲା । ଆମେମାନେ ସେହି ବଉଦରୁ ଅଶ୍ୱର ହେଁ ହେଁ ଶବ୍ଦ ଶୁଣିଲୁ । ମୁଁ ଜଣେ ବ୍ୟକ୍ତିକୁ ଏହା କହୁଥିବାର ଶୁଣିଲି ଯେ, ହୈଜୁମ୍ ଆଗକୁ ଅଗ୍ରସର ହୁଅ । ମୋ ଚଚାଙ୍କ ପୁତ୍ର ଅର୍ଥାତ୍ ମୋ ଭାଇର ହୃଦୟର ପରଦା ଫାଟିଗଲା ଏବଂ ସେ ଏହି ସ୍ୱର ଶୁଣି ସେହି ସ୍ଥାନରେ ପ୍ରାଣ ହରାଇଲା ଓ ବାକି ରହିଲି ମୁଁ , ମୁଁ ତ' ପାଖାପାଖି ମୃତ୍ୟୁର ସମୀପବର୍ତ୍ତୀ ହୋଇଯାଇଥିଲି । ପୁନଶ୍ଚ ମୁଁ ନିଜକୁ ଆୟତ୍ତ କରିନେଲି। **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-431, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ସୁହୈଲ୍ ବିନ୍ ଅମ୍ର ଯେକି ସେତେବେଳେ ଅବବିଶ୍ୱାସକାରୀ ଥିଲେ, ସେ କୁହନ୍ତି, ମୁଁ ବଦର୍ ଯୁଦ୍ଧ ଦିନ ଚିତ୍ତାକଟା ଅଶ୍ୱ ଉପରେ ଧବଳ ବର୍ଣ୍ଣର ଲୋକମାନଙ୍କୁ ଆରୋହଣ ହୋଇଥିବାର ଦେଖିଲି । ସେମାନେ ଆକାଶ ଏବଂ ଭୂମିର ମଧ୍ୟବର୍ତ୍ତୀ ଥିଲେ । ସେମାନେ କୁରୈଶ୍‌ର ଲୋକମାନଙ୍କୁ ହତ୍ୟା କରୁଥିଲେ ଏବଂ ସେମାନଙ୍କୁ କଏଦୀ (ବନ୍ଦୀ) କରୁଥିଲେ । ସୁତରାଂ ବଦର୍ ଯୁଦ୍ଧରେ ଦେବଦୂତମାନଙ୍କୁ କେବଳ ମୁସଲମାନେ ଅବଲୋକନ (ଦେଖି) କରି ନଥିଲେ । ବରଂ ଅବିଶ୍ୱାସକାରୀମାନେ ମଧ୍ୟ ଅବଲୋକନ କରିଥିଲେ । **(ଦଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ, ଭାଗ-6, ପୃ-215, ବଜ୍‌ମେ ଇକ୍‌ବାଲ୍, ଲାହୋର, ଏପ୍ରିଲ୍-2022 ମସିହାରୁ ଉଦ୍ଧୃତ)**

ସେହିପରି ଅବୁ ଉସୈଦ୍ ମାଲିକ୍ ବିନ୍ ରବିୟାହଙ୍କର ଏକ ବର୍ଣ୍ଣନା ରହିଛି । ଅବୁ ଉସୈଦ୍ ବଦର୍ ଯୁଦ୍ଧରେ ଉପସ୍ଥିତ ଥିଲେ । ଉକ୍ତ ଘଟଣାଟି ତାଙ୍କ ଦୃଷ୍ଟି ଶକ୍ତି ହରାଇବା ପରର ଘଟଣା ଅଟେ । ସୁତରାଂ ସେ ଯେତେବେଳେ ଉକ୍ତ ଘଟଣାଟି ବର୍ଣ୍ଣନା କଲେ ସେତେବେଳେ ସେ କହିଲେ, ଆଜି ଯଦି ମୁଁ ବଦର୍ ଯୁଦ୍ଧରେ ଏବଂ ବଦର୍ ଭୂମିରେ ଥାଆନ୍ତି ଓ ମୋର ଦୃଷ୍ଟି ଶକ୍ତି ଯଦି ଭଲ ଥାଆନ୍ତା ତାହାହେଲେ ମୁଁ ତୁମମାନଙ୍କୁ ସେହି ଘାଟି ମଧ୍ୟ ଦେଖାଇ ଥାଆନ୍ତି ଯହିଁରୁ ଦେବଦୂତମାନେ ନିର୍ଗମନ ହୋଇଥିଲେ। ମୁଁ ତହିଁରେ କୌଣସି ସଂଶୟ ଏବଂ ସନ୍ଦେହ ପ୍ରକାଶ କରୁ ନାହିଁ । ଅବୁ ଦାଉଦ୍ ମାଜିନିଙ୍କ ଠାରୁ ବର୍ଣ୍ଣନା କରନ୍ତି, ସେ ବଦର୍ ଯୁଦ୍ଧରେ ଉପସ୍ଥିତ ଥିଲେ। ସେ କହିଲେ, ନିଃସନ୍ଦେହ ବଦର୍ ଯୁଦ୍ଧ ଦିନ ମୁଁ ଜଣେ ମୁସ୍‌ରିକ୍ ବ୍ୟକ୍ତିର ପିଛା କଲି। କାରଣ ମୁଁ ତା' ଉପରେ ଆକ୍ରମଣ କରିବି । ତେଣୁ ମୁଁ ସହସା ଏହା ଅବଲୋକନ କଲି ଯେ, ମୋର ଖଡ୍‌ଗ ସେହି ମୁସ୍‌ରିକ୍ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ଖଡ୍‌ଗର ମୁନ ଭାଙ୍ଗି ତଳେ ଖସି ପଡ଼ିଲା । ମୁଁ ବୁଝିଗଲି ଯେ, ମୋ ବ୍ୟତୀତ ଉକ୍ତ ବ୍ୟକ୍ତିକୁ ଆଉ କିଏ ହତ୍ୟା କରିଛି । ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ବଦର୍ ଯୁଦ୍ଧ ଦିନ ଦେବଦୂତମାନଙ୍କର ପ୍ରତୀକ ଧବଳ ବର୍ଣ୍ଣର ପଗଡ଼ି ଥିଲା ଯାହାର ପର ବା କୁଞ୍ଚକୁ ସେମାନେ ନିଜ ପିଠିର ପଶ୍ଚାତ୍ ଭାଗରେ ଓହଳାଇଥିଲେ । ହୁନୈନ୍ ଯୁଦ୍ଧ ଦିନ ଲୋହିତ ବର୍ଣ୍ଣର ପଗଡ଼ି ସେହି ଦେବଦୂତମାନଙ୍କର ପ୍ରତୀକ ଥିଲା । ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ପଗଡ଼ି ହେଉଛି ଆରବ୍ୟବାସୀଙ୍କର ମୁକୁଟ ଏବଂ ବଦର୍ ଯୁଦ୍ଧ ଦିନ ଦେବଦୂତମାନଙ୍କର ପଗଡ଼ି ଧବଳ ବର୍ଣ୍ଣର ଥିଲା ସେହି ପଗଡ଼ିର ଓହଳୁଥିବା କପଡ଼ାର କୁଞ୍ଚକୁ ଦେବଦୂତମାନେ ନିଜ ପିଠିର ପଶ୍ଚାତ ଭାଗରେ ଓହଳାଇଥିଲେ । କିନ୍ତୁ ହ. ଜିବ୍ରାଇଲ୍ ଅ.ସଙ୍କ ମୁଣ୍ଡ ଉପରେ ପୀତ (ହଳଦିଆ) ବର୍ଣ୍ଣର ପଗଡ଼ି ଥିଲା ।

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦେବଦୂତମାନେ ବଦର୍ ଯୁଦ୍ଧ ଦିନ ବ୍ୟତୀତ ଅନ୍ୟ କୌଣସି ଯୁଦ୍ଧରେ ଯୁଦ୍ଧ କରି ନଥିଲେ । ସେମାନେ ଅନ୍ୟ ଯୁଦ୍ଧମାନଙ୍କରେ ସଂଖ୍ୟା ଏବଂ ସାହାଯ୍ୟ କରିବା ନିମନ୍ତେ ସାମିଲ୍ ହୋଇଥିଲେ । କାହାରିକୁ ହତ୍ୟା କରିବା ନିମନ୍ତେ ସାମିଲ୍ ହୋଇ ନଥିଲେ । **(ସିରତ୍ ଇବ୍‌ନେ**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

**ହିଶ୍ଶାମ୍, ପୃ-431-432, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2001 ମସିହା)**

କେତେକ ଲୋକମାନଙ୍କର ଏହି ଧାରଣା ରହିଛି ଯେ, ଦେବଦୂତମାନଙ୍କର ଅବତୀର୍ଣ୍ଣ ବିଶ୍ୱାସକାରୀମାନଙ୍କ ପାଇଁ ଶୁଭସମାଚାର ଏବଂ ହୃଦୟର ସନ୍ତୁଷ୍ଟି ନିମନ୍ତେ ଉଦ୍ଦିଷ୍ଟ ଥିଲା । ଅନ୍ୟଥା ଦେବଦୂତମାନେ ଯୁଦ୍ଧରେ ସାକ୍ଷାତ୍ ସାମିଲ୍ ହୋଇ ନଥିଲେ। ଏହି ଧାରଣାଟି ମଧ୍ୟ କେତେକ ସଠିକ୍ ଆହାଦିସ୍‌ର ପରିପନ୍ଥୀ ଅଟେ। ସଠିକ୍ ବର୍ଣ୍ଣନାରୁ ପ୍ରମାଣିତ ଯେ, ଦେବଦୂତମାନେ ବ୍ୟବାହାରିକ ତଥା ସାକ୍ଷାତ୍ ସାମିଲ୍ ହୋଇଥିଲେ । କିନ୍ତୁ ଏଠାରେ ଏହି ସ୍ଥିତି ତଥା ସନ୍ଦେହ ସୃଷ୍ଟି ହୋଇଥାଏ ଯେ, ସାହାଯ୍ୟ ନିମନ୍ତେ କେବଳ ଗୋଟିଏ ଦେବଦୂତ ଯଥେଷ୍ଟ ଥିଲା ତେବେ ହଜାର ହଜାର ସଂଖ୍ୟକ ଦେବଦୂତମାନେ କାହିଁକି ଅବତୀର୍ଣ୍ଣ ହେଲେ ?

ଇମାମ୍ ଇବ୍‌ନେ କସିର୍ ସହିହୈନ୍‌ରେ ଉଲ୍ଲିଖିତ ଯୁଦ୍ଧରେ ଦେବଦୂତମାନଙ୍କର ଅବତୀର୍ଣ୍ଣର ଆହଦିସ୍ ଉଲ୍ଲେଖ କରିବା ପରେ କୁହନ୍ତି ଯେ, ଅଲ୍ଲାଃତାଲାଙ୍କ ପକ୍ଷରୁ ଦେବଦୂତମାନଙ୍କର ଅବତୀର୍ଣ୍ଣ ଏବଂ ମୁସଲମାନମାନଙ୍କୁ ଏହାର ସୂଚନା ଶୁଭ ସମ୍ବାଦ ସ୍ୱରୂପେ ଦିଆଯାଇଥିଲା । ଅନ୍ୟଥା ଅଲ୍ଲାଃତାଲା ଦେବଦୂତମାନଙ୍କ ବ୍ୟତୀତ ମଧ୍ୟ ନିଜର ଶତ୍ରୁମାନଙ୍କ ବିପକ୍ଷରେ ମୁସଲମାନମାନଙ୍କୁ ସାହାଯ୍ୟ କରିପାରି ଥାଆନ୍ତେ । ଅତଏବ୍ ଅଲ୍ଲାଃତାଲା କହିଲେ, ସାହାଯ୍ୟ କେବଳ ଅଲ୍ଲାଃତାଲାଙ୍କ ତରଫରୁ ହିଁ ପ୍ରାପ୍ତ ହୋଇଥାଏ ଏବଂ ସୁରାଃ ମୁହମ୍ମଦରେ ଅଲ୍ଲାଃତାଲ କୁହନ୍ତି, ଅଲ୍ଲାତାଲା ଯଦି ଚାହିଁବେ ତାହାହେଲେ ସେ ସ୍ୱୟଂ ହିଁ ସେହି ଅବିଶ୍ୱାସକାରୀମାନଙ୍କ ଠାରୁ ପ୍ରତିଶୋଧ ନେଇ ନିଅନ୍ତେ । କିନ୍ତୁ ସେ ସେମାନଙ୍କୁ ପରୀକ୍ଷା କରି ଦେଖିବାକୁ ଚାହୁଁଛନ୍ତି । **(ଦଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ରସୁଲୁଲ୍ଲା ସ.ଅ, ଭାଗ-6, ପୃ-218-219, ବଜ୍‌ମେ ଇକବାଲ୍, ଲାହୋର, ଏପ୍ରିଲ୍-2022 ମସିହାରୁ ଉଦ୍ଧୃତ)**

ହ. ମୁସଲେହ୍ ମୁଦ୍ ର.ଅ କୁହନ୍ତି: "ବଦର୍ ଯୁଦ୍ଧରେ ଅଲ୍ଲାଃତାଲା ବଉଦ୍ (ବାଦଲ) ମଧ୍ୟରୁ ହିଁ ନିଜର ମୁଖମଣ୍ଡଳ ପ୍ରକଟିତ କରିଥିଲେ । ଅର୍ଥାତ୍ ବର୍ତ୍ତମାନ ଯୁଦ୍ଧ ଆରମ୍ଭ ହୋଇ ନଥିଲା କି ବର୍ଷା ଆରମ୍ଭ ହେଲା ଯଦ୍ୱାରା ଅବିଶ୍ୱାସକାରୀମାନଙ୍କୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିଲା ଏବଂ ବିଶ୍ୱାସକାରୀମାନଙ୍କୁ ଯୁଦ୍ଧ ଦୃଷ୍ଟିରୁ ଯଥେଷ୍ଟ ଲାଭ ପ୍ରାପ୍ତ ହୋଇଥିଲା । ପୁନଶ୍ଚ ବିଶ୍ୱାସକାରୀମାନଙ୍କର ସାହାଯ୍ୟ ଏବଂ ଅବଜ୍ଞାକାରୀମାନଙ୍କ ଉପରେ ଭୟର ବାତାବରଣ ଖେଳାଇବା ନିମନ୍ତେ ଦେବଦୂତମାନେ ମଧ୍ୟ କେବଳ ମନ ଉପରେ ଅବତୀର୍ଣ୍ଣ ହେଲେ ତାହା ନୁହେଁ ବରଂ ବଦର୍ ଯୁଦ୍ଧରେ ଅନେକ ଅବଜ୍ଞାକାରୀମାନେ ଦେବଦୂତମାନଙ୍କୁ ସ୍ୱଚକ୍ଷୁରେ ମଧ୍ୟ ଦେଖିଥିଲେ ଏବଂ قُضِیَ الْاَمْرُ (ନିୟତିକୃତ ବିଧାନ) ଅନୁଯାୟୀ ଆରବର ଅଧିପତିମାନେ ଗୋଟି ଗୋଟି କରି ନିହତ ହୋଇଥିଲେ ।" **(ତଫ୍‌ସିର୍ ସଗିର୍, ପୃ-96, ସୁରାଃ ଆଲେ ଇମ୍ରାନ୍, ଆୟତ୍-127)**

ସେ ଯାହା ହେଉ ଉକ୍ତ ଅବସ୍ଥାଟି ସ୍ୱପ୍ନୀଳ ଅବସ୍ଥା ଥିଲା ଯାହାକି ପ୍ରକୃତାବସ୍ଥା ଥିଲା ଏବଂ ଏହାକୁ ଲୋକମାନେ ମଧ୍ୟ ଅବଲୋକନ କଲେ ଏବଂ ଅଣ ବ୍ୟକ୍ତିମାନେ ମଧ୍ୟ ଅବଲୋକନ କଲେ । ତତସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କିତାବୁତ୍ ତବ୍‌ଲିଗ୍ ଆଇନା କମାଲାତେ ଇସ୍‌ଲାମ୍‌ରେ ମଧ୍ୟ କହିଛନ୍ତି । ଉକ୍ତ ପୁସ୍ତକଟି ଆରବୀ ଭାଷାରେ ରଚିତ । ଆରବୀ ଭାଷୀ ବେଳେବେଳେ ଏହା କୁହନ୍ତି ଯେ,"ହୁଜୁର୍ ! ଆପଣ ଯେତେବେଳେ ଏତେ ଦୀର୍ଘ ଆଲେଖ୍ୟ ପାଠ କରନ୍ତି ସେତେବେଳେ ଆମେମାନଙ୍କୁ ଅନୁବାଦ କରିବାକୁ ବହୁତ କଷ୍ଟ ହୋଇଥାଏ । ଅତଏବ୍ ମୁଁ ଚେଷ୍ଟା କରୁଛି ଯେ, ମୁଁ ଏହାକୁ ଆରବୀ ଭାଷାରେ ପାଠ କରିଦେବି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: وَقَدْ خَرَجَتْ عَادَتُهٗ وَسُنَّتُهٗ اَنَّهٗ يَخْتَارُ الْاِخْفَاءَ وَالْكَتْمَ فِيْ وَاقِعَاتٍ قَضَتْ حِكْمَتُهٗ اِخْفَاءَهَا وَيَخْلُقُ الْاَهْوَاءَ فَتَحْشُرُ الْاٰرَاءُ اِلٰى جِهَاتٍ اُخْرٰى۔ وَرُبَّمَا اَرَادَ اِخْفَاءَ صُوْرَةِ نَفْسِ وَاقِعَةٍ فَرُبَّمَا يُرِىْ فِيْ تِلْكَ الْمَوَاضِعِ الْوَقِعَةَ الْكَبِيْرَةَ صَغِيْرَةً مَهُوْنَةً، وَالْوَقِعَةَ الصَّغِيْرَةَ الْمَسْنُوْنَةَ كَبِيْرَةً نَادِرَةً وَّ اَوْ وَقِعَةُ الْمُخَوَّفَةَ مُبَشَّرَةً فَهٰذِهٖ اَرْبَعَةُ اَقْسَامٍ مِنَ الْوَقِعَاتِ مِنْ سُنَنِ اللّٰهِ كَمَا مَضٰى۔ اَمَّا الْوَقِعَةُ الْكَبِيْرَةُ الْعَظِيْمَةُ الَّتِىْ اَرَادَ اللّٰهُ اَنْ يُّرِيَهَا صَغِيْرَةً حَقِيْرَةً فَنَظِيْرُهَا فِى الْقُرْاٰنِ وَقِعَةُ بَدْرٍ لِمَنْ يَتَدَبَّرُ وَيَرٰى فَاِنَّ اللّٰهَ قَلَّلَ اَعْدَاءَ الْاِسْلَامِ بِبَدْرٍ فِىْ مَنَامِ رَسُوْلِهٖ لِيُذْهِبَ الرَّوْعَ عَنْ قُلُوْبِ الْمُسْلِمِيْنَ وَيَقْضِىَ مَا اَرَادَ مِنَ الْقَضَاءِ۔ وَاَمَّا الْوَاقِعَةُ الَّتِىْ اَرَادَ اللّٰهُ اَنْ يُّرِيَهَا كَبِيْرَةً نَادِرَةً فَنَظْرُهَا فِى الْقُرْاٰنِ بِشَارَةُ مَدَدِ الْمَلٰئِكَةِ كَىْ تَقَرَّ قُلُوْبُ الْمُؤْمِنِيْنَ وَلَا تَاْخُذُهُمْ خِيْفَةٌ فِىْ ذٰلِكَ الْمَاْوٰى۔ فَاَنَّهٗ تَعَالٰى وَعَدَ فِى الْقُرْاٰنِ لِلْمُؤْمِنِيْنَ وَبَشَّرَهُمْ بِاَنَّهٗ يُمِدُّهُمْ بِخَمْسَةِ اٰلَافٍ مِنَ الْمَلٰئِكَةِ وَمَا جَعَلَ هٰذَا الْعَدَدَ الْكَثِيْرَ اِلَّا لَهُمْ بُشْرٰى لِاَنَّ فَرْدًا مِنَ الْمَلٰئِكَةِ يَقْدِرُ بِاِذْنِ رَبِّهٖ عَلٰى اَنْ يُّرِيَهُمْ نُصْرَةً عَظِيْمَةً فَاخْتَارَ لَفْظًا يُفْهَمُ مِنْ ظَاهِرِهٖ كَثْرَةُ الْمُمِدِّيْنَ وَاَرَادَ مَا اَرَادَ مِنَ الْمَعْنٰى۔ ثُمَّ نَبَّهَ الْمُؤْمِنِيْنَ بَعْدَ فَتْحِ بَدْرٍ اَنَّ عِدَّةَ الْمَلَائِكَةِ مَا كَانَتْ مَحْمُوْلَةً عَلٰى ظَاهِرِ اَلْفَاظِهَا بَلْ كَانَتْ مُؤَوَّلَةً بِتَاوِيْلٍ يَعْلَمُهُ اللّٰهُ بِعِلْمِهِ الْاَرْفَعِ وَالْاَعْلٰى۔ وَفَعَلَ كَذٰلِكَ لِتَطْمَئِنَّ قُلُوْبُهُمْ بِهٰذِهِ الْبُشْرٰى وَيَزِيْدُهُمْ حُسْنَ الظَّنِّ وَالرَّجَاءِ"

**(ଅତ୍ ତବଲିଗ୍, ରୁହାନୀ ଖଜାଏନ୍, ଭାଗ-5, ପୃ-447-449)**

ଏହାର ଅନୁବାଦ ଏହିପରି ଯେ, ତାହାଙ୍କର ଅର୍ଥାତ୍ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ଚିରକାଳ ରହିଆସିଛି ଯେ, ସେ ସେହି ଘଟଣାବଳୀଗୁଡ଼ିକୁ ଗୁପ୍ତ ତଥା ଲୁକ୍କାୟିତ ରଖିଥାଆନ୍ତି ଯାହାର ତତ୍ତ୍ୱ ଲୁକ୍କାୟିତତାକୁ ଆବଶ୍ୟକ କରିଥାଏ ଏବଂ ଲୋକମାନଙ୍କର ଅଭିପ୍ସା ତଥା ଅଭିଳାଷା ଏବଂ ପ୍ରକୃତ ବାସ୍ତବତାର ବିରୁଦ୍ଧୀୟ ହୋଇଥାଏ । ବେଳେବେଳେ ସେହି ବୃହତ୍ ଘଟଣାଟାକୁ କ୍ଷୁଦ୍ର ଘଟଣା କରି ଦେଖାଇଥାନ୍ତି ଏବଂ କ୍ଷୁଦ୍ର ଘଟଣାକୁ ବୃହତ୍ ଏବଂ ଦୁର୍ଲଭ ଘଟଣାବଳୀ ଆକାରରେ ବର୍ଣ୍ଣନା କରି ଥାଆନ୍ତି । ଶୁଭ ସମାଚାର ପ୍ରଦାନକାରୀ ଘଟଣାକୁ ଭୟପ୍ରଦ ଏବଂ ଭୟପ୍ରଦ ଘଟଣାକୁ ଶୁଭ ସମାଚାର ପ୍ରଦାନକାରୀ ଘଟଣା ରୂପେ ପ୍ରଦର୍ଶିତ କରିଥାଆନ୍ତି। ଏହା ହେଉଛି ଘଟଣାବଳୀର 4ଟି ପ୍ରକାର ଏବଂ ଏହା ଅଲ୍ଲାଃତାଲାଙ୍କର ପରମ୍ପରା ତଥା ବିଧିର ବିଧାନ ତାହା ଅନୁଯାୟୀ ଅବ୍ୟାହତ ରହି ଆସିଛି । ସେହି ମହାନ୍ ତଥା ଭବ୍ୟ ଘଟଣା ଯାହା ସଂପର୍କରେ ଅଲ୍ଲାଃତାଲା ଚାହିଁଲେ ଯେ, ତାହାକୁ କ୍ଷୁଦ୍ର ଏବଂ ତୁଚ୍ଛ କରି ଦେଖାଇ ଦିଅନ୍ତୁ ତାହା ବଦର୍ ଯୁଦ୍ଧ ଅଟେ । ଅତଏବ୍ ଏଥି ନିମନ୍ତେ ଯେଉଁ ବ୍ୟକ୍ତି ବିଚାର ଏବଂ ଚିନ୍ତା କରୁ ଏବଂ ଚକ୍ଷୁ ଖୋଲୁ । ସୁତରାଂ ଅଲ୍ଲାଃତାଲା ବଦର୍ ଯୁଦ୍ଧ ଅବସରରେ ରସୁଲ୍ କରୀମ୍ ସ.ଅଙ୍କୁ ସ୍ୱପ୍ନ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଶତ୍ରୁମାନଙ୍କ ସଂଖ୍ୟାକୁ ସ୍ୱଳ୍ପ କରି ଦେଖାଇଛନ୍ତି। କାରଣ ମୁସଲମାମାନଙ୍କ ହୃଦୟରୁ ସେମାନଙ୍କର (ଶତ୍ରୁ) ଭୟ ଦୂରୀଭୂତ ହୋଇଯାଉ । କାରଣ ଅଲ୍ଲାଃତାଲା ଯେଉଁ ଇଚ୍ଛା ପ୍ରକାଶ କରନ୍ତି ତାହା ଅବଶ୍ୟ ପୂର୍ଣ୍ଣ ହୋଇ ରହିବ । ସେହି ଘଟଣା ଯାହା ଅଲ୍ଲାଃତାଲା ଚାହିଁଥିଲେ ତାହାକୁ ସେ ବଡ଼ ଏବଂ ଦୁର୍ଲଭ କରି ଦେଖାଇବେ । ତେବେ ଏହାର ଦୃଷ୍ଟାନ୍ତ ପବିତ୍ର କୁରଆନ୍ କରୀମ୍‌ରେ ଦେବଦୂତମାନଙ୍କର ସାହାଯ୍ୟର ଶୁଭ ସମାଚାରର ଘଟଣା ଅଟେ । କାରଣ ବିଶ୍ୱାସକାରୀମାନଙ୍କ ହୃଦୟ ଶୀତଳ ହେଉ ଓ ଯୁଦ୍ଧ ସମୟରେ ସେମାନଙ୍କ ମନରେ କୌଣସି ଭୟ, ଦ୍ୱନ୍ଦ୍ୱ ଯେପରି ନରହୁ । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ବିଶ୍ୱାସକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସେମାନଙ୍କୁ ଶୁଭସମାଚାର ପ୍ରଦାନ କରିଛନ୍ତି ଯେ, ସେମାନେ ପାଞ୍ଚ ହଜାର ଦେବଦୂତମାନଙ୍କ ସହିତ ସେମାନଙ୍କୁ ସାହାଯ୍ୟ ଏବଂ ସମର୍ଥନ କରିବା ନିମନ୍ତେ ଆଗେଇ ଆସିବେ। ଅଲ୍ଲାଃତାଲା ଉକ୍ତ ଅଙ୍ଗୀକାରକୁ ଅତିରିକ୍ତ କରି ଏଇଥିପାଇଁ ଦେଖାଇଲେ ଯେ, ଏହା ବିଶ୍ୱାସକାରୀମାନଙ୍କ ସକାଶେ ଶୁଭସମାଚାର ସାବ୍ୟସ୍ତ ହେଉ। କିନ୍ତୁ ଦେବଦୂତମାନଙ୍କ ମଧ୍ୟରୁ ଜଣେ ଦେବଦୂତ ହିଁ ଉକ୍ତ ସାମର୍ଥ୍ୟର ଅଧିକାରୀ କି ସେ ନିଜର ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଭୂପୃଷ୍ଠକୁ ଉପର ତଳ କରିଦେଉ । ଏଥି ନିମନ୍ତେ ପାଞ୍ଚ ହଜାରେ ନୁହଁ ବରଂ ପାଞ୍ଚଜଣ ଦେବଦୂତଙ୍କର ଆବଶ୍ୟକତା ନାହିଁ । କିନ୍ତୁ ଅଲ୍ଲାଃତାଲା ଏହା ଚାହିଁଲେ ଯେ, ସେମାନଙ୍କୁ ମହାନ ସାହାଯ୍ୟ ଦେଖାଇବେ। ତେଣୁ ସେ ସେହି ଶାବ୍ଦିକ ପନ୍ଥା ଅବଲମ୍ବନ କଲେ ଯଦ୍ୱାରାକି ସାହାଯ୍ୟକାରୀଙ୍କ ଆଧିକ୍ୟତା ପ୍ରକଟିତ ହୋଇଯାଉ । ତହିଁରୁ ଏହା ହିଁ ଯଥାର୍ଥ ନେଇଥିଲେ । ପୁନଶ୍ଚ ସେ ଅର୍ଥାତ୍ ଅଲ୍ଲାଃତାଲା ବଦର୍ ଯୁଦ୍ଧ ପରେ ବିଶ୍ୱାସକାରୀମାନଙ୍କୁ ସୂଚନା ପ୍ରଦାନ କଲେ ଯେ, ଦେବଦୂତମାନଙ୍କର ସଂଖ୍ୟା ପ୍ରକାଶ୍ୟ ଶବ୍ଦ ଉପରେ ନିର୍ଭରଶୀଳ ନଥିଲା । ବରଂ ଏହାର ସେହି ଅର୍ଥ ନିହିତ ଥିଲା ଯାହା ସଂପର୍କରେ ସର୍ବୋଚ୍ଚ ତଥା ସର୍ବଶକ୍ତିମାନ ଅନ୍ତର୍ଯାମୀ ଅଲ୍ଲାଃତାଲା ହିଁ ଜାଣନ୍ତି। ଅଲ୍ଲାଃତାଲା ଏପରି ଏଇଥିପାଇଁ କଲେ ଯେ, ଏହି ଶୁଭସମାଚାର ମାଧ୍ୟମରେ ବିଶ୍ୱାସକାରୀମାନଙ୍କ ହୃଦୟ ସନ୍ତୁଷ୍ଟ ହୋଇଯାଉ ଏବଂ ସେମାନେ ସୁଧାରଣା ଏବଂ ଆଶା ତଥା ଆକାଂକ୍ଷାରେ ଉନ୍ନୀତ ହୁଅନ୍ତୁ ।

ଅବଜ୍ଞାକାରୀମାନଙ୍କ ପରାଜୟ ସଂପର୍କରେ ଉଲ୍ଲେଖ ରହିଛି ଯେ, କିଛି ସମୟରେ ପରେ ଅବଜ୍ଞାକାରୀମାନଙ୍କର ସୈନ୍ୟଦଳରେ ପରାଜୟ, ବ୍ୟାକୁଳିତତା, ଏବଂ ବ୍ୟସ୍ତତାର ଛାୟା ଖେଳିଯାଇଥିଲା । ଯେତେବେଳେ ଖୋଲା ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଲକ୍ଷଣ ପ୍ରକାଶିତ ହୋଇଗଲା । ସେମାନଙ୍କର ଧାଡ଼ିଗୁଡ଼ିକ ମୁସଲଲମାମାନଙ୍କର ଅତର୍କିତ ଅହରହ ଆକ୍ରମଣ ଯୋଗୁଁ ବିକ୍ଷିପ୍ତ ହେବାକୁ ଲାଗିଲା। ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, ଯୁଦ୍ଧ ନିଜର ଚୂଡ଼ାନ୍ତ ପର୍ଯ୍ୟାରେ ପହଞ୍ଚିଲା। ପୁନଶ୍ଚ ଅବଜ୍ଞାକାରୀମାନଙ୍କର ସୈନ୍ୟଦଳ ବିଶୃଙ୍ଖଳିତ ଭାବରେ ପଛଘୁଞ୍ଚା ଦେଲେ ଏବଂ ସେମାନଙ୍କ ମଧ୍ୟରେ ବିକ୍ଷିପ୍ତତା, ଦଳାଚକଟା ଆରମ୍ଭ ହୋଇଗଲା । ମୁସଲଲମାମାନେ ହଣାକଟା, ଧରାଧରି, ଅବଜ୍ଞାକାରୀମାନଙ୍କୁ ବାନ୍ଧି ସେମାନଙ୍କର ପିଛା କଲେ । ଏପର୍ଯ୍ୟନ୍ତକି ସେମାନେ ସଂପୂର୍ଣ୍ଣ ରୂପେ ପରାସ୍ତ ହେଲେ। **(ଅର୍ ରହିକୁଲ୍ ମଖ୍ତୁମ୍, ଅନୁବାଦକ, ପୃ-299, ଅଲ୍ ମକ୍ତବତୁସ୍ ସଲଫିୟାହ୍, ଲାହୋର-**

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

**2000 ମସିହା)**

ପୁନଶ୍ଚ ଏକ ସ୍ଥାନରେ ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧ ଅବଜ୍ଞାକାରୀମାନଙ୍କର ସ୍ପଷ୍ଟ ପରାଜୟ ଏବଂ ମୁସଲମାନମାନଙ୍କ ପକ୍ଷେ ମହା ବିଜୟ ରୂପେ ସାବ୍ୟସ୍ତ ହୋଇଥିଲା । ଉକ୍ତ ଯୁଦ୍ଧରେ 14 ଜଣ ମୁସଲମାନମାନେ ଶହୀଦ୍ ହୋଇଥିଲେ। 6 ଜଣ ପ୍ରବାସକାରୀମାନଙ୍କ ମଧ୍ୟରୁ ଏବଂ 8 ଜଣ ଅନ୍ସାରମାନଙ୍କ ମଧ୍ୟରୁ ଶହୀଦ୍ ହୋଇଥିଲେ । କିନ୍ତୁ ଅବିଶ୍ୱାସକାରୀମାନଙ୍କୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା। ସେମାନଙ୍କର 70 ଜଣ ବ୍ୟକ୍ତି ନିହତ ହୋଇଥିଲେ ଏବଂ 70 ଜଣ ବନ୍ଦୀ ହୋଇଥିଲେ । ସେହି ବନ୍ଦୀ ଏବଂ ନିହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟତଃ କାଏଦ୍ ଏବଂ ବଡ଼ ବଡ଼ ଅଧିପତିମାନେ ରହିଥିଲେ । **(ଅର୍ ରହିକୁଲ୍ ମଖ୍ତୁମ୍, ଅନୁବାଦକ, ପୃ-300, ଅଲ୍ ମକ୍ତବତୁସ୍ ସଲ୍ଫିୟାହ୍, ଲାହୋର-2000 ମସିହା)**

ବଦର୍ ଯୁଦ୍ଧରେ ଯେଉଁ 14 ଜଣ ସାହାବାମାନେ ଶହୀଦ୍ ହୋଇଥିଲେ ସେମାନଙ୍କ ମଧ୍ୟରେ 6 ଜଣ ପ୍ରବାସକାରୀ ଅଟନ୍ତି ଏବଂ 8 ଜଣ ଅନ୍ସାର୍ ଅଟନ୍ତି । ସେହି 14 ଜଣ ସାହାବାମାନଙ୍କର ନାମ ଯଥାକ୍ରମେ ହେଲା-

**ପ୍ରବାସକାରୀ-** ଉବୈଦ୍ ବିନ୍ ହାରିସ୍ ବିନ୍ ମୁତଲ୍ଲିବ୍, ଉମୈର୍ ବିନ୍ ଅବି ୱକ୍କାସ୍, ଜୁସ୍ ଶମାଲୈନ୍ ଅର୍ଥାତ୍ ଉମୈର୍ ବିନ୍ ଅବ୍ଦେ ଅମ୍ର, ଆକିଲ୍ ବିନ୍ ବୁକୈର୍, ମିହଜା ମୌଲା ଅମ୍ର ବିନ୍ ଖତ୍ତାବ, ସଫ୍ୱାନ୍ ବିନ୍ ବୈଜା ଇତ୍ୟାଦି ପ୍ରମୁଖ ସାହାବାମାନେ ଅନ୍ୟତମ ଅଟନ୍ତି । **ଅନ୍ସାରମାନେ-** ସାଆଦ୍ ବିନ୍ ଖୈସମା, ମୁବଶ୍ଶିର ବିନ୍ ଅବ୍ଦୁଲ୍ ମୁନ୍ଜର, ୟଜିଦ୍ ବିନ୍ ହାରିସ୍, ଉମୈର୍ ବିନ୍ ହୁମ୍ମାମ୍, ରାଫେ ବିନ୍ ମୁଅଲ୍ଲା ହାରିସା ବିନ୍ ସୁରାକା ଇତ୍ୟାଦି ପ୍ରମୁଖ ସାହାବାମାନେ ଅନ୍ୟତମ ଅଟନ୍ତି ।

ମୁସରିକିନ୍ (ଅବଜ୍ଞାକାରୀ)ମାନଙ୍କର ଯେଉଁ ଲୋକମାନେ ନିହତ ହୋଇଥିଲେ ସେମାନଙ୍କର ସଂଖ୍ୟା ଥିଲା 70 । ସେହି ନିହତ ହୋଇଥିବା ମୁସରିକନ୍ମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି କୁରୈଶର ଅଧିପତି ଥିଲେ । ଅତଏବ୍ ଏଠାରେ କେତେକଙ୍କ ନାମ ଉଲ୍ଲେଖ କରାଗଲା- ହନ୍ଜଲା ବିନ୍ ଅବୁ ସୁଫିୟାନ୍, ହାରିସ୍ ବିନ୍ ହଜ୍ରମି, ଆମିର୍ ବିନ୍ ହଜ୍ରମି, ଉବୈଦାହ୍ ବିନ୍ ସଇଦ୍ ବିନ୍ ଆସ୍, ଆସ୍ ବିନ୍ ସଇଦ୍ ବିନ୍ ଆସ୍ । ଉକବା ବିନ୍ ଅବି ମୁଐତ୍, ଉତବା ବିନ୍ ରବିୟାହ୍, ଶୈବା ବିନ୍ ରବିୟାହ୍, ୱଲିଦ୍ ବିନ୍ ଉତ୍ବା ବିନ୍ ରବିୟାହ୍, ହାରିସ୍ ବିନ୍ ଆମିର୍, ଅବୁଲ୍ ବଖତରି ଆସ୍ ବିନ୍ ହିଶ୍ଶାମ୍ ନଜର୍ ବିନ୍ ହାରିସ୍, ଆସି ବିନ୍ ହିଶ୍ଶାମ, ଆସ୍ ବିନ୍ ହିଶ୍ଶାମ୍ର ନାମ ଦୁଇ ଥର ଆସିଛି କିମ୍ବା ଦୁଇ ଜଣ ଭିନ୍ନ ଭିନ୍ନ ବ୍ୟକ୍ତି ଅଟନ୍ତି । ଅବୁଲ୍ ଆସ୍ ବିନ୍ କୈସ୍, ଉମୈୟାହ୍ ବିନ୍ ଖଲଫ୍, ଅବୁ ଜହଲ୍ ଯାହାର ନାମ ଅମ୍ର ବିନ୍ ହିଶ୍ଶାମ୍ ଥିଲା। ଏହି ନିହତ ହୋଇଥିବା ଅବଜ୍ଞାକାରୀଙ୍କ ମଧ୍ୟରୁ ଅନେକ ଅବଜ୍ଞାକାରୀମାନେ ମକ୍କାରେ ମୁସଲମାନମାନଙ୍କୁ ଏବଂ ଆଁହଜରତ ସ.ଅଙ୍କୁ କଷ୍ଟ ଦେଉଥିଲେ । **(ସିରତ୍ ଇବ୍ନେ ହିଶ୍ଶାମ୍, ପୃ-476-480, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2001 ମସିହା) (କିତାବୁଲ୍ ମୁଗାଜି ଲିଲ୍ୱକିଦି, ଭାଗ-1, ପୃ145, ଆଲିମୁଲ୍ କୁତୁବ୍ ବୈରୁତ୍-1984 ମସିହା)**

ବଦରୁ ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ ଘଟଣାବଳୀ **ଇନ୍ଶାଅଲ୍ଲାଃ** ଆସନ୍ତା ଖୁତ୍ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ପାଲେଷ୍ଟାଇନ୍ର ମୁସଲମାନମାନଙ୍କ ପାଇଁ ଜମାଅତ୍ର ସମସ୍ତ ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଉଛି ସେମାନେ ପାଲେଷ୍ଟାଇନ୍ବାସୀଙ୍କ ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ ସହଜତା ସୃଷ୍ଟି କରନ୍ତୁ । ଅତ୍ୟାଚାରିତ, ନିଷ୍ପେଷିତମାନଙ୍କର ସାହା ହୁଅନ୍ତୁ ଓ ସାହାଯ୍ୟ କରନ୍ତୁ । ପାଲେଷ୍ଟାଇନ୍ବାସୀଙ୍କୁ ଏପରି ନେତୃତ୍ୱ କିମ୍ବା ମାର୍ଗଦର୍ଶନକାରୀ ନେତା ପ୍ରଦାନ କରନ୍ତୁ ଯିଏ ସେମାନଙ୍କର ଅଧିକାର ସମ୍ପାଦନକାରୀ ଏବଂ ସେମାନଙ୍କର ସଠିକ୍ ମାର୍ଗଦର୍ଶକ ସାବ୍ୟସ୍ତ ହୋଇପାରିବ । ସେମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାରରୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିବ । ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି, ସେମାନେ ବର୍ତ୍ତମାନ ଅତ୍ୟାଚାରିତ ଏବଂ ନିଷ୍ପେଷିତ ଅଟନ୍ତି । ଏପରି ପ୍ରତି ହେଉଛି ଯେପରିକି ସେମାନଙ୍କର କେହି ସମ୍ଭାଳିବାବାଲା ନାହାନ୍ତି, ସେମାନଙ୍କର କେହି ବି ମାର୍ଗଦର୍ଶନକାରୀ ବ୍ୟକ୍ତି ନାହିଁ । ମୁସଲମାନମାନେ ଯଦି ଏକ ହୋଇଯାଆନ୍ତି ତେବେ ସେମାନେ ଏହି ଅତ୍ୟାଚାରିତମାନଙ୍କୁ ବିପତ୍ତିରୁ ଉଦ୍ଧାର କରିପାରିବେ । ସେହିପରି ସ୍ୱିଡ଼େନ୍ରେ ଏବଂ ଅନ୍ୟ କେତେକ ରାଷ୍ଟ୍ରରେ ମଧ୍ୟ ଯେଉଁ ବାକ୍ ସ୍ୱାଧୀନତା ଏବଂ ଧାର୍ମିକ ସ୍ୱାଧୀନତା ନାମରେ ଦୁଷ୍କୃତ୍ୟକାରୀଙ୍କୁ ଖୋଲା ସ୍ୱାଧୀନତା ପ୍ରାପ୍ତ ହୋଇଅଛି ଯେ, ସେମାନେ ଆଳ କରି ମୁସଲମାନମାନଙ୍କର ଭାବବେଗ ସହିତ ଖେଳ ଖେଳି ପ୍ରତିଦିନ କିଛି ନା କିଛି ଏପରି ଆଚରଣ ପ୍ରଦର୍ଶନ କରୁଛନ୍ତି ଯାହା ମୁସଲମାନମାନଙ୍କର ଭାବାବେଗକୁ କ୍ଷତି ପହଞ୍ଚାଇଥାଏ । ଏହା ଅତ୍ୟନ୍ତ ନିନ୍ଦନୀୟ ଆଚରଣ ଏବଂ କାର୍ଯ୍ୟ ଅଟେ । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ର ମର୍ଯ୍ୟାଦା ହାନୀ ପ୍ରସଙ୍ଗ ହେଉ ଅବା ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ପ୍ରସଙ୍ଗ ହେଉ ସେମାନେ ଏହି ଦୁଇଟି ପ୍ରସଙ୍ଗରେ ଅଶୋଭନୀୟ ଶବ୍ଦ ପ୍ରୟୋଗ କରୁଛନ୍ତି। ଅଲ୍ଲାଃତାଲା ହିଁ ସେମାନଙ୍କୁ ଧରନ୍ତୁ ଏବଂ ଧରିବାର ସାଧାନର ବ୍ୟବସ୍ଥା କରନ୍ତି । ମୁସଲମାନମାନଙ୍କ ପକ୍ଷରୁ ଯଦି କୌଣସି ପ୍ରତିକ୍ରିୟା ହେବ ତେବେ ତାହା ମଧ୍ୟ ସାମୟିକ ହିଁ ହେବ ଏବଂ ଏହିପରି ହେବ ପ୍ରତିକ୍ରିୟା ହେବ ଯେ, ଯାହାର କୌଣସି ପ୍ରଭାବ ହେବ ନାହିଁ । ସୁତରାଂ ମୁସଲମାନ ନେତାମାନଙ୍କୁ ଏବଂ ସଂପ୍ରଦାୟ ସକାଶେ ବହୁତ୍ ଦୁଆ କରନ୍ତୁ । ଏହାର ଅର୍ଥାତ୍ ଦୁଆର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି ।

ପୁନଶ୍ଚ ଫ୍ରାନ୍ସରେ ଯେଉଁ ପରିସ୍ଥିତି ରହିଛି ସେଠାରେ ମଧ୍ୟ ମୁସଲମାନମାନଙ୍କୁ ଶରବ୍ୟ କାରଯାଉଅଛି ଏବଂ ମୁସଲମାନମାନଙ୍କର ଯେଉଁ ପ୍ରତିକ୍ରିୟା ରହିଛି ତାହା ମଧ୍ୟ ଭୁଲ୍ ଅଟେ କିମ୍ବା ଅନ୍ୟମାନଙ୍କ ସହିତ ମିଶି ମୁସଲମାନମାନଙ୍କୁ ଟାର୍ଗେଟ କରାଯାଉଛି । ଭଙ୍ଗାରୁଜା କଲେ କିଛି ଫଳ ପ୍ରାପ୍ତ ହେବ ନାହିଁ । ମୁସଲମାନମାନଙ୍କୁ ନିଜର କର୍ମ ଇସ୍ଲାମୀୟ ଶିକ୍ଷାନୁଯାୟୀ କରିବାକୁ ହେବ । ଯେତେବେଳେ ମୁସଲମାନମାନଙ୍କର ଆଚରଣ ଏବଂ ଉଚ୍ଚାରଣ ଇସଲାମୀୟ ଶିକ୍ଷାନୁଯାୟୀ ହେବ ସେତେବେଳେ ଯାଇ ସଫଳତା ମଧ୍ୟ ପ୍ରାପ୍ତ ହେବ । ସେ ଯାହା ହେଉ ଆମେ ତ' କେବଳ ଦୁଆ ହିଁ କରିପାରିବା ।ବିଶେଷ ରୂପେ ମୁସଲମାନ ସଂସାର ନିମନ୍ତେ ଏବଂ ସାମୂହିକ ରୂପେ ସଂସାରାବାସୀଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତ୍ୟାଚାରରୁ ସୁରକ୍ଷିତ ରଖନ୍ତୁ ଏବଂ ସଂସାରେରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସ୍ଥିତାବସ୍ଥା ମଧ୍ୟ ସୃଷ୍ଟି ହୋଇଯାଉ । ସମସ୍ତେ ପରସ୍ପରର ଅଧିକାର ସମ୍ପାଦନକାରୀ ବ୍ୟକ୍ତିରେ ପରିଗଣିତ ହୋଇ କର୍ତ୍ତବ୍ୟବୋଧ ଏବଂ କର୍ତ୍ତବ୍ୟର ମହତ୍ତ୍ୱକୁ ହୃଦୟଙ୍ଗମକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । ଅନ୍ୟଥା ସଂସାର ଯେଉଁ ଆଡ଼କୁ ଅଗ୍ରସର ହେଉଛି ମୁଁ ଅନେକ ଥର କହି ସାରିଛି ଯେ, ସଂସାର ବିଶାଳ ବିନାଶ ଆଡ଼କୁ ଅଗ୍ରସର ହେଉଅଛି । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ । **ଆମିନ୍ ।**

ସେହିପରି ପାକିସ୍ତାନରେ ଯେଉଁ ଅହେମଦିମାନେ ରହିଛନ୍ତି ସେମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ପ୍ରତ୍ୟେକ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । କହିବାକୁ ଗଲେ ଫ୍ରାନ୍ସରେ ତ' ବଡ଼ ବଡ଼ ବିକ୍ଷୋଭ ପ୍ରଦର୍ଶନ ହେଉଛି ଏବଂ ଯେଉଁ ବ୍ୟକ୍ତି ଓ ଯେଉଁ ଯୁବକକୁ ହତ୍ୟା କରାଯାଇଛି ତା' ସପକ୍ଷରେ ଅନେକ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉଛି । କିନ୍ତୁ ବ୍ୟବହାରିକ ରୂପେ ଜନତାଙ୍କର (ସେଠାକାର ଲୋକମାନଙ୍କର) ଯେଉଁ ବ୍ୟବହାର ରହିଛି ତାହା ଏହିପରି ଯେ, ଶୁଣିବାକୁ ମିଳିଛି ଯେ, ଜନତା ଉଭୟଙ୍କ ପାଇଁ ଯେଉଁ ପାଣ୍ଠି ଏକତ୍ରିତ କରିଛି। ଅର୍ଥାତ୍ ସେହି ପୋଲିସବାଲା ପାଇଁ ଯାହାକୁ ଧରାଯାଇଛି ଏବଂ ସେହି ଯୁବକ ପାଇଁ ଯିଏ ନିହତ ହୋଇଛି ତା' ପାଇଁ କେବଳ ଦୁଇ ଲକ୍ଷ ୟୁରୋ ପାଣ୍ଠି ଏକତ୍ରିତ କରାଯାଇଛି ଏବଂ ଯେଉଁ ପୋଲିସବାଲା ରହିଛି, ଲୋକମାନେ କହୁଛନ୍ତି ଯେ, ଆମେ ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ଏବଂ ସରକାର ମଧ୍ୟ ବିବୃତ୍ତି ଦେଉଅଛି ଯେ, ତା' ବିରୁଦ୍ଧରେ (ପୋଲିସବାଲା) ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହି ପୋଲିସ ସପକ୍ଷରେ ଏବଂ ପୋଲିସବାଲାକୁ ସାହାଯ୍ୟ କରିବା ନିମନ୍ତେ 1 ମଲିୟନରୁ ଉର୍ଦ୍ଧ୍ୱ ୟୁରୋ ଏକତ୍ରିତ ହୋଇସାରିଛି । ଅଲ୍ଲାଃତାଲା ହିଁ ଦୟାବତୀର୍ଣ୍ଣ କରନ୍ତୁ ଏବଂ ସେହି ଲୋକମାନଙ୍କ ନ୍ୟାୟ ମାର୍ଗରେ ପରିଚାଳିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ମୁସଲମାନମାନଙ୍କୁ ଏକତ୍ରିତ ହେବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ । ☆--☆--☆

### ଇଦ୍ ମୁବାରକ୍

ଆନ୍ତର୍ଜାତିକ ଇମାମ୍ ଜମାଅତ୍ ଅହେମଦିୟା ହ. ଅମୀରୁଲ୍ ମୁମିନିନ୍, ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଏବଂ ଜମାଅତ୍ ଅହେମଦିୟାର ସମସ୍ତ ସଦସ୍ୟବୃନ୍ଦଙ୍କ ସେବାରେ ଖବର କାଗଜ ସାପ୍ତାହିକ ବଦର କାଦିଆନ୍ ପକ୍ଷରୁ ଇଦୁଲ୍ ଫିତର ପର୍ବର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଅଲ୍ଲାଃତାଲା ଉକ୍ତ ଇଦ୍ ପର୍ବକୁ ସମଗ୍ର ଇସ୍ଲାମୀୟ ରାଷ୍ଟ୍ରଙ୍କ ନିମନ୍ତେ ମଙ୍ଗଳ ତଥା କଲ୍ୟାଣମୟ କରନ୍ତୁ । **ଆମିନ୍ ।**

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢ଼ୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିଙ୍କୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍ଲୁଲ୍ ଇଫ୍କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

# (ଖୁତ୍‌ବା ଜୁମା)

**ହେ ଅମକ ପୁତ୍ର ! ହେ ଅମକ ପୁତ୍ର ! ତୁମେ ବର୍ତ୍ତମାନ ଉକ୍ତ କଥା ଦ୍ୱାରା ଆନନ୍ଦିତ ହେବ ଯେ, ତୁମେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଜ୍ଞାବହତ୍ୱତା କରିଥାଆନ୍ତ ?**

**କାରଣ ପ୍ରଭୁ ଆମ ସହିତ ଯେଉଁ ଅଙ୍ଗୀକାର କରିଥିଲେ ତାହାକୁ ଅର୍ଥାତ୍ ସେହି ସତ୍ୟକୁ ତ' ଆମେମାନେ ପ୍ରାପ୍ତ କରିନେଲୁ । କ'ଣ ତୁମେ ବି ସେହି ସତ୍ୟକୁ ପ୍ରାପ୍ତ କରିନେଇଛ ଯାହାର ଅଙ୍ଗୀକାର ତୁମର ପ୍ରଭୁ ତୁମ ସହିତ କରିଥିଲେ ?**

---

**ରସୁଲୁଲ୍ଲାଃ ସ.ଅ କହିଲେ: ସେହି ଅସ୍ତିତ୍ୱଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୁହମ୍ମଦ୍ ସ.ଅଙ୍କ ଜୀବନ ରହିଛି । ତୁମେ ବଦରରେ ନିହତ ହୋଇଥିବା ବ୍ୟକ୍ତିମାନଙ୍କ ଅପେକ୍ଷା ଅଧିକ କଥା ଶୁଣିପାରୁ ନାହଁ ଯାହା ମୁଁ କହୁଅଛି ।**

**ବାସ୍ତବତା ଏହା ହିଁ ଯେ, ଆଁହଜରତ ସ.ଅ ଫିଦିୟା ନେବା ନିମନ୍ତେ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଐଶୀ ଉଦ୍ଦେଶ୍ୟାନୁଯାୟୀ ଥିଲା ।**

**ବଦର୍ ଯୁଦ୍ଧ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀରୀ ଚର୍ଚ୍ଚା**

**କୁରୈଶର ଅଧିପତିମାନଙ୍କର ଅନ୍ତିମ ସଂସ୍କାର, ଆଁହଜରତ ସ.ଅଙ୍କ ଚମତ୍କାର, ମାଲେ ଗନିମତ୍‌ର ବଣ୍ଟନର ଚର୍ଚ୍ଚା ସେହିପରି ବନ୍ଦୀମାନଙ୍କୁ ଫିଦିୟା ନେଇ ମୁକ୍ତ କରିବା ସଂକ୍ରାନ୍ତରେ ଏକ ବିଖ୍ୟାତ ବର୍ଣ୍ଣନାର ସମାଧାନ ।**

**ସମ୍ମାନନୀୟ ରାନା ଅବ୍‌ଦୁଲ୍ ହମିଦ୍ ଖାନ୍ ସାହେବ କାଠଗଡ଼ ମୁବଲ୍ଲିଗ୍ ସିଲ୍‌ସିଲା ତଥା ନାଏବ୍ ନାଜିମ୍ ମାଲ୍ ୱକ୍‌ଫେ ଜଦିଦ୍ ପାକିସ୍ତାନ, ସମ୍ମାନନୀୟ ମୁବଶ୍ଶିର ଅହେମଦ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ପତ୍ନୀଙ୍କ ବିୟୋଗର ଚର୍ଚ୍ଚା ସମ୍ମାନନନୀୟା ନୁସ୍ରତ୍ ଜାହାଁ ଅହେମଦ ସାହେବାଙ୍କ ଉତ୍ତମ ଚର୍ଚ୍ଚା ଏବଂ ନମାଜ୍ ଯନାଜାଃ ଗାଏବ୍ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 14 JULY 2023 ମସିହା ଅନୁଯାୟୀ ୧୪ ୱଫା /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَ اِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବଦର୍ ଯୁଦ୍ଧ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ଜୀବନୀ ଏବଂ ଘଟଣାବଳୀର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହା ଅବଶିଷ୍ଟାଂଶ ଆଜି ବର୍ଣ୍ଣନା କରିବି । ବଦର୍ ଯୁଦ୍ଧ ଶେଷ ହେଲା ଏବଂ ଅବଜ୍ଞାକାରୀଙ୍କୁ ଅଲ୍ଲାଃତାଲା ସେମାନଙ୍କ ଦୃଷ୍କୃତ୍ୟର ଦଣ୍ଡ ଦେଇଥିଲେ । ଯେପରିକି ପୂର୍ବ ଖୁତ୍‌ବାରେ ଚର୍ଚ୍ଚା ହୋଇସାରିଛି ଯେ, 70 ଜଣ ଅବଜ୍ଞାକାରୀମାନେ ଉକ୍ତ ଯୁଦ୍ଧରେ ନିହିତ ହୋଇଥିଲେ । ତନ୍ମଧ୍ୟରେ ଅନେକ ଅଧିପତି ଏବଂ ନେତାମାନେ ରହିଥିଲେ । କୁରୈଶ୍‌ର ସେହି ଅଧିପତିମାନଙ୍କ ଅନ୍ତିମ ସଂସ୍କାର ସଂପର୍କରେ ସହି ବୁଖାରୀରେ ଏହିପରି ଚର୍ଚ୍ଚା ମିଳେ ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କାଆବା ନିକଟରେ ନମାଜ ପାଠ କରୁଥିଲେ । ଉକ୍ତ ଘଟଣାଟି ପୁରୁଣା ଘଟଣା ଅଟେ । ଆଁହଜରତ ସ.ଅ କାଆବା ନିକଟରେ ନମାଜ ପାଠ କରୁଥିଲେ କି କୁରୈଶ୍‌ର କେତେକ ବ୍ୟକ୍ତିଙ୍କ କହିବାରୁ କୁରୈଶର ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହତଭାଗ୍ୟ ବ୍ୟକ୍ତି ଆଁହଜରତ ସ.ଅଙ୍କ ନମାଜ ପାଠ ସମୟରେ ଆପଣ ସ.ଅଙ୍କ କାନ୍ଧ ଉପରେ ଏକ ଜୀବର ଜରାୟୁ **(ୟୁଟ୍ରେସ୍)** ଆଣି ରଖିଦେଲା। ନବୀ କରୀମ୍ ସ.ଅ ସିଜ୍‌ଦା ଅବସ୍ଥାରେ ହିଁ ରହିଲେ ଏବଂ ସେମାନେ ଆଁହଜରତ ସ.ଅଙ୍କ ଉପରେ ପରିହାସ ଏବଂ ଅଟ୍ଟହାସ୍ୟ ପ୍ରକାଶ କରୁଥିଲେ । ହ. ଫାତିମା ଅ.ସଙ୍କୁ କେହି ଜଣେ ବ୍ୟକ୍ତି ଯାଇ ଏ ସଂପର୍କରେ କହିଲା । ହ. ଫାତିମା ସ୍ୱଳ୍ପ ବୟସ୍କା ଝିଅ ଥିଲେ । ସେ ଦଉଡ଼ି ଆସି ନବୀ କରୀମ୍ ସ.ଅଙ୍କ ଉପରେ ପଡ଼ିଥିବା ସେହି ଜୀବର ଉଝୁଡ଼ିକୁ ହଟାଇଲେ । ଅର୍ଥାତ୍ ସେହି ପୃଥୁଳ ଉଝୁଡ଼ିକୁ ହଟାଇଲେ । ହ. ଫାତିମା ର.ଅ ସେହି ଲୋକମାନଙ୍କୁ ଭଲମନ୍ଦ କଥା କହିଲେ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ନମାଜ ପାଠ କରିନେଲେ ସେତେବେଳେ ଆପଣ ସ.ଅ ଦୁଆ କଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ କୁରୈଶ୍‌ମାନଙ୍କୁ ଧର୍ (ଅର୍ଥାତ୍ ଶାସ୍ତି ଦିଅ) । ହେ ଅଲ୍ଲାଃ ! ତୁମ୍ଭେ କୁରୈଶ୍‌ମାନଙ୍କୁ ଧର୍ (ଅର୍ଥାତ୍ ଶାସ୍ତି ଦିଅ) । ପୁନଶ୍ଚ ଆପଣ ସ.ଅ ନିମ୍ନ ବ୍ୟକ୍ତିମାନଙ୍କର ନାମ ନେଇ ପ୍ରଭୁଙ୍କ ନିକଟରେ ଦୁଆ କଲେ ଯେ, ହେ ପ୍ରଭୁ ଏହି ଲୋକମାନଙ୍କୁ ତୁମେ ଶାସ୍ତି ପ୍ରଦାନ କର । ସେହି ଦୋଷୀମାନେ ହେଲେ, ଅମ୍ର ବିନ୍ ହିଶ୍ଶାମ୍, ଉତ୍‌ବା ବିନ୍ ରବିୟାହ୍, ଶୈବା ବିନ୍ ରବିୟାହ୍, ୱଲିଦ୍ ବିନ୍ ଉତବା, ଉମୈୟାହ୍ ବିନ୍ ଖଲଫ୍, ଉକବା ବିନ୍ ଅବି ମୁଇତ୍ ଏଭଂ ଅମ୍ମାର୍ ବିନ୍ ୱଲିଦ୍ ଇତ୍ୟାଦି । ହ. ଅବ୍‌ଦୁଲ୍ଲାଃ ର.ଅ କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ରକ୍ତକୁ ଶରୀରରୁ ତଳେ ପଡୁଥିବାରେ ଦେଖିଲି । ଅର୍ଥାତ୍ ଯେଉଁ ଲୋକମାନଙ୍କର ଆପଣ ସ.ଅ ନାମ ନେଇଥିଲେ ସେହି ଲୋକମାନଙ୍କୁ ବଦର୍ ଯୁଦ୍ଧରେ ଘୋଷାରି ଘୋଷାରି ଏକ ଗର୍ତ୍ତ ମଧ୍ୟରେ ଫିଙ୍ଗା ଯାଇଥିଲା । ପୁନଶ୍ଚ ରସୁଲୁଲ୍ଲା ସ.ଅ କହିଲେ, ଗର୍ତ୍ତ ମଧ୍ୟରେ ଥିବା ବ୍ୟକ୍ତିମାନେ ଶ୍ରାପାଧୀନ ଅଟନ୍ତି । **(ସହିହୁଲ୍ ବୁଖାରୀ, କିତାବୁସ୍ ସଲାତ୍, ବାବୁଲ୍ ମରଅତା ତୁତର୍ରିହୁ ଅନିଲ୍ ମୁସଲ୍ଲା ଶୈଇଅମ୍ ମିନଲ୍ ଅଜା, ବର୍ଣ୍ଣନା ସଂଖ୍ୟା-520)**

ସେହିପରି ଜୀବନୀ ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ, ଅବଜ୍ଞାକାରୀମାନଙ୍କର ଶବକୁ ସେମାନଙ୍କର ନିହତ ହୋଇଥିବା ସ୍ଥାନରୁ ଉଠାଇ ନିଆଯାଉ । ଆଁହଜରତ ସ.ଅ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ହିଁ ଅବଜ୍ଞାକାରୀମାନଙ୍କର ନିହତ ହେବା ସ୍ଥାନ ଦେଖାଇ ଦେଇଥିଲେ । ଆପଣ ସ.ଅ ନିହତ ହେବାକୁ ଥିବା ଅବଜ୍ଞାକାରୀଙ୍କ ଅଧିପତିଙ୍କ ସ୍ଥାନ ଦେଖାଇ କହିଲେ, କାଲି **ଇନ୍‌ଶାଅଲ୍ଲାଃ** ଏଠାରେ ଉତ୍‌ବାର ବଧ ହେବ । ଏଇଟା ଶୈବା ବିନ୍ ରବିୟାହର ସଂହାର ସ୍ଥଳୀ ହେବ, ଏଇଟା ଉମୈୟାହ୍ ବିନ୍ ଖଲ୍‌ଫ୍‌ର ସଂହାର ସ୍ଥଳୀ ହେବ, ଏଇଟା ଅବୁ ଜହଲ୍ ବିନ୍ ହିଶ୍ଶାମର ସଂହାର ସ୍ଥଳୀ ହେବ, ଏଇଟା ଅମକ ବ୍ୟକ୍ତିର ସଂହାର ସ୍ଥଳୀ ହେବ । ଆପଣ ସ.ଅ ନିଜର କଲ୍ୟାଣମୟ ହସ୍ତ ଭୂମି ଉପରେ ରଖି ସ୍ଥାନ ଚିହ୍ନିତ ଏବଂ ନିରୂପଣ କରୁଥିଲେ ଯେ, ଅମକ ସ୍ଥାନରେ ଅମକ ଅବଜ୍ଞାକାରୀ ନିହତ ହେବ ଓ ଅମକ ସ୍ଥାନରେ ଅମକ ଅବଜ୍ଞାକାରୀ ନିହତ ହେବ । ସୁତରାଂ ପରବର୍ତ୍ତୀ ଦିନ୍ ଅର୍ଥାତ୍ ଯେଉଁ ଦିନ ବଦର୍ ଯୁଦ୍ଧ ହୋଇଥିଲା ସେହି ଦିନ ବଦର୍ ଯୁଦ୍ଧରେ ଯେଉଁ ଅବଜ୍ଞାକାରୀମାନେ ପ୍ରାଣ ହରାଇଥିଲେ ସେମାନଙ୍କର ଶବ ସେହି ସ୍ଥାନରୁ ଟିକିଏ ହେଲେ ଏପଟ ସେପଟ ହୋଇ ନଥିଲା । **(ଅର୍ଥାତ୍ ଆଁହଜରତ ସ.ଅ ନିଜର କଲ୍ୟାଣମୟ ହସ୍ତ ଯେଉଁ ଯେଉଁଠି ଚିହ୍ନଟ ବା ଇଙ୍ଗିତ କରିଥିଲେ ସେହି ଠାରେ ହିଁ ଅବଜ୍ଞାକାରୀମାନେ ନିହତ ହୋଇଥିଲେ) । (ଅସ୍ ସିରତୁଲ୍ ହଲବିୟାହ୍ ଭାଗ-2, ପୃ-245, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହାରୁ ଉଦ୍ଧୃତ)**

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଯୁଦ୍ଧ ପରେ ହୁଜୁର ସ.ଅ ଆଦେଶ ଦେଲେ, ସମସ୍ତ ଅବଜ୍ଞାକାରୀମାନଙ୍କୁ ଗର୍ତ୍ତ ମଧ୍ୟରେ ପକାଇ ଦିଅ । ସୁତରାଂ ଉମୈୟାହ୍ ବିନ୍ ଖଲ୍‌ଫ୍ ବ୍ୟତୀତ ସମସ୍ତ ଅବଜ୍ଞାକାରୀଙ୍କୁ ଗର୍ତ୍ତ ମଧ୍ୟରେ ପକାଇ ଦିଆଗଲା । ତା'ର ଶବ ଲୌହ କବଚ ମଧ୍ୟରେ ଫୁଲି ଯାଇଥିଲା । ଯେତେବେଳେ ସାହାବାମାନେ ତା'ର ଶବକୁ ଉଠାଇବାକୁ ଚେଷ୍ଟା କଲେ ସେତେବେଳେ ତା'ର ମାଂସ ଖଣ୍ଡ ଖଣ୍ଡ ହୋଇ ପଡ଼ିବାକୁ ଲାଗିଲା । ସେହି କାରଣରୁ ତା'କୁ ସେହି ସ୍ଥାନରେ ହିଁ ମାଟି ଏବଂ ପଥର ଦ୍ୱାରା ଘୋଡ଼ାଇ ଦିଆଗଲା । **(ସିରତ୍ ଇବ୍‌ନେ ହିଶ୍ଶାମ, ପୃ-435, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ରସୁଲୁଲ୍ଲାଃ ସ.ଅ ଯେତେବେଳେ ଆଦେଶ ଦେଲେ ଯେ, ଅବଜ୍ଞାକାରୀମାନଙ୍କ ଶବକୁ ଗର୍ତ୍ତ ମଧ୍ୟରେ ଫିଙ୍ଗ ଦିଆଯାଉ ସେତେବେଳେ ଉତ୍‌ବା ବିନ୍ ରବିୟାହକୁ ଧରି ଗର୍ତ୍ତ ମଧ୍ୟରେ ଫିଙ୍ଗି ଦିଆଗଲା । ଆଁହଜରତ ସ.ଅ ଉତ୍‌ବାର ପୁତ୍ର ହ. ଅବୁ ହୁଜୈଫାଙ୍କ ମୁଖମଣ୍ଡଳରେ ଅସହ୍ୟର ଲକ୍ଷଣ ଦେଖିନେଲେ । ଅର୍ଥାତ ହ. ଅବୁ ହୁଜୈଫା ର.ଅ ମୁସଲମାନ ହୋଇଯାଇଥିଲେ ଏବଂ ଉତ୍‌ବା ଅବଜ୍ଞାକାରୀ ଥିଲା। ଆପଣ ସ.ଅ କହିଲେ, ହେ ଅବୁ ହୁଜୈଫା ! ସମ୍ଭବତଃ ତୁମ ମନରେ ତୁମ ପିତାଶ୍ରୀଙ୍କ ପ୍ରତି କିଛି ଭାବନା ରହିଛି କି ? ସେ ଉତ୍ତର ଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କାହିଁ ନାହିଁ ତ' । ନା ମୋତେ ପିତାଙ୍କ ସଂପର୍କରେ କୌଣସି ସଂଶୟ ରହିଛି ଓ ନା ହିଁ ତାଙ୍କର ବଧ ହେବା ସଂପର୍କରେ କୌଣସି ସନ୍ଦେହ ରହିଛି । କିନ୍ତୁ ମୁଁ ଜାଣିଥିଲି

ଯେ, ମୋ ପିତାଶ୍ରୀ ଜଣେ ମତପ୍ରଦାନକାରୀ, ବିନମ୍ର ଏବଂ ଜଣେ ସମ୍ମାନିତ ବ୍ୟକ୍ତି ଥିଲେ । ମୁଁ ଏହି ଆଶା କରୁଥିଲି କି ପିତାଶ୍ରୀ ଇସଲାମ୍ ଧର୍ମ ସଂକ୍ରାନ୍ତରେ ଯେଉଁସବୁ ଭଲ କଥା ଏବଂ ଶିକ୍ଷା ଦେଖିଲେ ସେ ଇସଲାମ୍ ଧର୍ମ ସ୍ୱୀକାର କରିନେବେ । କିନ୍ତୁ ମୁଁ ଯେତେବେଳେ ତାଙ୍କର ପରିଣାମ ଦେଖିଲି ସେତେବେଳେ ମୋତେ ତାଙ୍କର ଅବଜ୍ଞା ମନେ ପଡ଼ିଗଲା । କିନ୍ତୁ ମୁଁ ଆଶା କରୁଥିଲି ଯେ, ସେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଯିବେ । କିନ୍ତୁ ଫଳାଫଳ ସଂପୂର୍ଣ୍ଣ ବିପରୀତ ଥିଲା । ଅତଃ ମୁଁ ଅତ୍ୟନ୍ତ ମର୍ମାହତ ଓ ଦୁଃଖିତ । ଆଁହଜରତ ସ.ଅ ତାଙ୍କୁ ଅର୍ଥାତ୍ ଅବୁ ହୁଜୈଫା ର.ଅଙ୍କୁ ଉତ୍ତମ ଆଶ୍ୱାସନା ମୂଳକ ଦୁଆ କହିଲେ ଏବଂ ପୁଣ୍ୟମୂଳକ କଥନ କହିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-56-57, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-1993 ମସିହା)**

ହ. ଅବୁ ତଲ୍‌ହା ଅନ୍‌ସାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ବଦର୍ ଯୁଦ୍ଧ ଦିନ କୁରୈଶ୍‌ର ଅଧିପତିମାନଙ୍କ ମଧ୍ୟରୁ 24 ଜଣଙ୍କ ସଂପର୍କରେ ଆଦେଶ ଦେଲେ ଏବଂ ସେମାନଙ୍କୁ ବଦରର କୂପ ମଧ୍ୟରୁ ଏକ କୂପ ମଧ୍ୟରେ ପକାଇ ଦିଆଗଲା । ଆପଣ ସ.ଅ ଯେତେବେଳେ କୌଣସି ଜାତିକୁ ପରାଜିତ କରି ଜୟଯୁକ୍ତ ହେଉଥିଲେ ସେତେବେଳେ ଆପଣ ସ.ଅ ଯୁଦ୍ଧଭୂମିରେ ତିନି ଦିନ ଓ ତିନି ରାତ୍ର ଅବସ୍ଥାନ କରୁଥିଲେ । କିନ୍ତୁ ଆପଣ ସ.ଅ ଯେତେବେଳେ ବଦର୍ ଭୂମିରେ ଅବସ୍ଥାନ କଲେ ଏବଂ ତୃତୀୟ ଦିନ ଯେତେବେଳେ ହେଲା ସେତେବେଳେ ଆପଣ ସ.ଅ ନିଜ ଓଟ ଉପରେ ପଲାଣ ବାନ୍ଧିବାର ଆଦେଶ ଦେଲେ । ସୁତରାଂ ସେହି ଓଟ ଉପରେ ପଲାଣ ବନ୍ଧାଗଲା । ପୁନଶ୍ଚ ଆପଣ ସ.ଅ ଓ ଆପଣ ସ.ଅଙ୍କର ସାହାବାମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ଚାଲିଲେ ଏବଂ କହିବାକୁ ଲାଗିଲେ, ଆମେମାନେ ଏହା ମନେକଲୁ ଯେ, ଆପଣ ସ.ଅ କୌଣସି ଉଦ୍ଦେଶ୍ୟ ସକାଶେ ବାହାରିଛନ୍ତି । ଆପଣ ସ.ଅ ସେହି କୂପର କଡ଼ରେ ପହଞ୍ଚିଲେ ଯେଉଁଠି ସେହି ଅବଜ୍ଞାକାରୀମାନଙ୍କୁ କବର ଦେବା ନିମନ୍ତେ ଗର୍ତ୍ତ ମଧ୍ୟକୁ ଫୋପଡ଼ା ଯାଇଥିଲା । ଆପଣ ସ.ଅ ଅବଜ୍ଞାକାରୀମାନଙ୍କ ପିତାଙ୍କର ନାମ ଧରି କହିବାକୁ ଲାଗିଲେ, ହେ ଅମକ ଅମକଙ୍କର ପୁତ୍ର ! ହେ ଅମକ ଅମକଙ୍କ ପୁତ୍ର ! ତୁମେମାନେ ବର୍ତ୍ତମାନ ଖୁସି ତ' ! ତୁମେମାନେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କର ଆଜ୍ଞା ପାଳନ ଯଦି କରିଥାଆନ୍ତ ତେବେ ଏହିପରି ପରିଣାମ ତୁମର ହୋଇ ନଥାଆନ୍ତା । କାରଣ ଆମର ପାଳନକର୍ତ୍ତା ଆମ ସହିତ ଯେଉଁ ଅଙ୍ଗୀକାର କରିଥିଲେ ଆମେମାନେ ତ' ସେହି ସତ୍ୟକୁ ପ୍ରାପ୍ତ କରିନେଲୁ । କ'ଣ ତୁମେ ମଧ୍ୟ ସେହି ଅଭିପ୍ରାୟକୁ ପ୍ରାପ୍ତ କରି ନେଇଛ ଯାହାର ଅଙ୍ଗୀକାର ତୁମମାନଙ୍କର ପାଳନକର୍ତ୍ତା କରିଥିଲେ ? ଅବୁ ତଲ୍‌ହା ର.ଅ କହୁଥିଲେ ଯେ, ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଏହି ଶବମାନଙ୍କ ସହିତ କ'ଣ କଥା ହେଉଛନ୍ତି ? ଏହି ଶବମାନଙ୍କ ମଧ୍ୟରେ ପ୍ରାଣ ନାହିଁ । ଏମାନେ ନିର୍ଜୀବ ଅଟନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି । ମୁଁ ଶବମାନଙ୍କୁ ଯେଉଁ କଥା କହୁଛି ତୁମେମାନେ ସେମାନଙ୍କ ଠାରୁ ଅଧିକ ଶୁଣିପାରୁ ନାହଁ ।

**(ବୁଖାରୀ କିତାବୁଲ୍ ମୁଗାଜି, ବାବ୍- କତଲା ଅବି ଜହଲ୍, ହଦିସ୍ ନଂ-3976)**

ସିରିତ୍ ଇବ୍‌ନେ ହିଶ୍ଶାମ୍‌ରେ ଏହିପରି ଚର୍ଚ୍ଚା ମିଳେ ଯେ, ହେ କୂପ ! ତୁମେ ନିଜ ଅବତାରଙ୍କର ଅତ୍ୟନ୍ତ ମନ୍ଦ ସଂପର୍କୀୟ ଥିଲ । ତୁମେ ମୋତେ ପ୍ରତ୍ୟାଖ୍ୟାନ କଲ ଏବଂ ଲୋକମାନେ ମୋର ପୁଷ୍ଟି କଲେ । ତୁମେମାନେ ମୋତେ ଘରୁ ନିର୍ବାସିତ ଏବଂ ବିତାଡ଼ିତ କରିଥିଲେ, ଲୋକମାନେ ମୋତେ ଆଶ୍ରୟ ଦେଇଥିଲେ । ତୁମେ ମୋ ସହିତ ଯୁଦ୍ଧ କଲ ଏବଂ ଲୋକମାନେ ମୋତେ ସାହାଯ୍ୟ କଲେ । هَلْ وَجَدْتُمْ مَا وَعَدَكُمْ رَبُّكُمْ حَقًّا؟ ଅର୍ଥାତ୍ ତୁମମାନଙ୍କର ପାଳନକର୍ତ୍ତା ତୁମମାନଙ୍କ ସହିତ ଯେଉଁ ଅଙ୍ଗୀକାର କରିଥିଲେ, ତୁମେମାନେ କ'ଣ ତାହାକୁ ସତ୍ୟ ରୂପେ ପ୍ରାପ୍ତ କଲ କି ? **(ସିରତ୍ ଇବ୍‌ନେ ହିଶ୍ଶାମ, ପୃ-435, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହାରୁ ଉଦ୍ଧୃତ)**ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉକ୍ତ ଘଟଣାଟିକୁ ଏହିପରି ଭାବରେ ଉଲ୍ଲେଖ କରିଛନ୍ତି ଯେ, "ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆପଣ ସ.ଅ ସେହି ଗର୍ତ୍ତ ପାଖକୁ هَلْ وَجَدْتُمْ مَا وَعَدَكُمْ رَبُّكُمْ حَقًّا؟ ଚାଲିଗଲେ ଯହିଁରେ କୁରୈଶର ଅଧିପତିମାନଙ୍କୁ କବର୍ (ସମାଧି) ଦିଆଯାଇଥିଲା ଏବଂ ପୁନଶ୍ଚ ତନ୍ମଧ୍ୟରୁ ଜଣ ଜଣ କରି ନାଁ ଧରି ଡାକିଲେ ଏବଂ କହିଲେ, فَإِنِّي وَجَدْتُ مَا وَعَدَنِي اللّٰهُ حَقًّا ଅର୍ଥାତ୍ ହେ ଅବଜ୍ଞାକାରୀମାନେ କ'ଣ ତୁମେମାନେ ଉକ୍ତ ଅଙ୍ଗୀକାରକୁ ସତ୍ୟ ରୂପେ ବରଣ କଲ ଯାହାର ଅଙ୍ଗୀକାର ପ୍ରଭୁ ମୋ ମାଧ୍ୟମରେ ତୁମ ସହିତ କରିଥିଲେ ? ଆପଣ ସ.ଅ କହିଲେ ଅଲ୍ଲାଃତାଲା ମୋ ସହିତ ଯେଉଁ ଅଙ୍ଗୀକାର କରିଥିଲେ ଅର୍ଥାତ୍ يَا أَهْلَ الْقَلِيبِ بِئْسَ عَشِيرَةُ النَّبِيِّ كُنْتُمْ لِنَبِيِّكُمْ كَذَّبْتُمُونِي وَصَدَّقَنِي النَّاسُ وَأَخْرَجْتُمُونِي وَآوَانِي النَّاسُ وَقَاتَلْتُمُونِي ସତ୍ୟକୁ ପ୍ରାପ୍ତ କରିନେଇଛି ଯାହାର ଅଙ୍ଗୀକାର ବା ପ୍ରତିଶୃତି ପ୍ରଭୁ ମୋତେ ଦେଇଥିଲେ । ସେହିପରି ଆପଣ ସ.ଅ କହିଲେ, ଗର୍ତ୍ତ ମଧ୍ୟରେ ପଡ଼ିଥିବା ହେ ଅବଜ୍ଞାକାରୀମାନେ! ତୁମେମାନେ ନିଜ ଅବତାରଙ୍କର ଅତ୍ୟନ୍ତ ମନ୍ଦ ସଂପର୍କୀୟ ସାବ୍ୟସ୍ତ ହୋଇଛ । ତୁମେମାନେ ମୋତେ ପ୍ରତ୍ୟାଖ୍ୟାନ କଲ ଏବଂ وَنَصَرَنِي النَّاسُ ଅର୍ଥାତ୍ ଅନ୍ୟ ଲୋମାନେ ମୋତେ ସାହାଯ୍ୟ ଏବଂ ମୋର ପୁଷ୍ଟି କଲେ । ତୁମେମାନେ ମୋତେ ମୋ ମାତୃଭୂମିରୁ ନିର୍ବାସିତ କଲ ଏବଂ ଅନ୍ୟ ଲୋକମାନେ ମୋତେ ଆଶ୍ରୟ ପ୍ରଦାନ କଲେ । ତୁମେମାନେ ମୋ ବିପକ୍ଷର ଯୁଦ୍ଧ କଲ ଏବଂ ଅନ୍ୟ ଲୋକମାନେ ମୋତେ ସାହାଯ୍ୟ କଲେ । ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଲୋକମାନେ ତ' ବର୍ତ୍ତମାନ ମୃତ ଅଟନ୍ତି, ସେମାନେ କ'ଣଟା ଆଉ ଶୁଣିବେ ? ସେମାନେ ମୋର ଉକ୍ତ କଥାକୁ ତୁମ ଠାରୁ ଅଧିକ ଭଲ ଭାବରେ ଶୁଣୁଛନ୍ତି । ଅର୍ଥାତ୍ ସେମାନେ ସେହି ରାଇଜରେ (ଜଗତରେ) ପହଞ୍ଚି ଯାଇଛନ୍ତି ଯେଉଁଠି ସମସ୍ତ ସତ୍ୟ ଜଣା ପଡ଼ିଯାଇଥାଏ ଏବଂ କୌଣସି ସତ୍ୟ ଲୁଚି ହୋଇ ରହି ନଥାଏ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ବର୍ତ୍ତମାନେ ଯେଉଁ କଥନ ବର୍ଣ୍ଣନା କଲି ତାହା ଆଁହଜରତ ସ.ଅଙ୍କର କଥନ ଅଟେ ଏବଂ ତାହା ଉପରୋକ୍ତରେ ଉଲ୍ଲେଖ କରାଯାଇଛି । ଉକ୍ତ କଥନଟି ନିଜ ମଧ୍ୟରେ ଏକ ଅଦ୍ଭୁତ ପ୍ରକାରର ଦାରୁଣ ଦୁଃଖ ଦ୍ୱାରା ପରିପୂର୍ଣ୍ଣ ଅଟେ ଏବଂ ଏହି କଥନାବଳୀରୁ ହୃଦୟର ଅବସ୍ଥାର କିଞ୍ଚିତ ଆକଳନ ହୋଇପାରିବ ଯାହାକି (ପ୍ରଭାବ) ସେତେବେଳେ ଆପଣ ସ.ଅଙ୍କ ଉପରେ ପଡ଼ିଥିଲା । ଅର୍ଥାତ୍ ତହିଁରୁ ଏହା ପ୍ରତିତ ହୁଏ ଯେ, ସେତେବେଳ କୁରୈଶ୍‌ମାନଙ୍କର ବିରୋଧର ଅତୀତ ଇତିହାସ ଆପଣ ସ.ଅଙ୍କ ଚକ୍ଷୁ ଆଗରେ ରହିଥିଲା ଏବଂ ଆପଣ ସ.ଅ ଭାବନା ରାଇଜରେ ତା'ର ଗୋଟିଏ ଗୋଟିଏ ପୃଷ୍ଠାକୁ ଓଲଟାଇ ଯାଉଥିଲେ ଏବଂ ଆପଣ ସ.ଅଙ୍କର ହୃଦୟ ସେହି ପୃଷ୍ଠାକୁ ଅଧ୍ୟୟନ କରିବା ଦ୍ୱାରା ବ୍ୟଥିତ ଏବଂ ବିବ୍ରତ ହେଉଥିଲା । ଆପଣ ସ.ଅଙ୍କର ଏହି ଶବ୍ଦାବଳୀ ଉକ୍ତ କଥାର ମଧ୍ୟ ନିଃସନ୍ଦେହାତ୍ମକ ତଥା ଜ୍ୱଳନ୍ତ ପ୍ରମାଣ ଅଟେ ଯେ, ଯୁଦ୍ଧ ଆରମ୍ଭ କରିବାର ଦାୟିତ୍ୱ ସଂପୂର୍ଣ୍ଣ ରୂପେ ମକ୍କାର କୁରୈଶ୍‌ମାନଙ୍କ ଉପରେ ନ୍ୟସ୍ତ ହୋଇଥିଲା । ତହିଁରୁ ଅର୍ଥାତ୍ وَقَاتَلْتُمُونِي وَنَصَرَنِي النَّاسُ ରୁ ଏହା ପ୍ରକାଶ୍ୟ ଯେ, ହେ ମୋ ଜାତିର ଲୋକମାନେ (ଅବଜ୍ଞାକାରୀମାନେ) ! ତୁମେମାନେ ମୋ ସହିତ ଯୁଦ୍ଧ କଲେ ଏବଂ ଅନ୍ୟମାନେ ମୋତେ ସାହାଯ୍ୟ କଲେ । ଉପରୋକ୍ତ ଶବ୍ଦରୁ ଅନ୍ତତଃ ଏହା ପ୍ରମାଣିତ ହୋଇଥାଏ ଯେ, ଆଁହଜରତ ସ.ଅ ନିଜ ସ୍ଥାନରେ ରହି ଏହି ବିଶ୍ୱାସ ରଖୁଥିଲେ ଯେ, ସେହି ଯୁଦ୍ଧର ସୂତ୍ରପାତ ବା ପ୍ରାରମ୍ଭ ମକ୍କାର ଅବଜ୍ଞାକାରୀମାନଙ୍କ ଦ୍ୱାରା ହୋଇଥିଲା । ଆପଣ ସ.ଅ ବାଧ୍ୟ ହୋଇ ଆତ୍ମରକ୍ଷା କରିବାକୁ ଯାଇ ଖଡ଼୍‌ଗୋତ୍ତଳନ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ସାହିବ ଜାଦା ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ ସାହେବ ଏମ୍.ଏ ର.ଅ, ପୃ-364-365)**

ଉକ୍ତ ଯୁଦ୍ଧରେ ଆଁହଜରତ ସ.ଅଙ୍କ ଚମତ୍କାରର ଚର୍ଚ୍ଚା ମଧ୍ୟ ରହିଛି । ତନ୍ମଧ୍ୟରୁ ଗୋଟିଏ ଘଟଣା ଜୀବନୀର ପୁସ୍ତକରେ ଏହିପରି ଉଲ୍ଲେଖ ଥିବାର ମିଳେ ଯେ, ଇବ୍‌ନେ ଇସହାକ୍ କୁହନ୍ତି ଯେ, ଉକ୍କାଶା ବିନ୍ ମିହସନ୍ ର.ଅ ବଦର୍ ଯୁଦ୍ଧର ଦିନ ନିଜର ଖଡ଼୍‌ଗ ସହିତ ଯୁଦ୍ଧ କରୁଥିଲେ । ଏପର୍ଯ୍ୟନ୍ତ କି ସେହି ଖଡ଼୍‌ଗଟି ତାଙ୍କ ହସ୍ତରେ ହିଁ ଭାଙ୍ଗିଗଲା । ସୁତରାଂ ସେ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ, ନବୀ କରୀମ୍ ସ.ଅ ଆପଣ ସ.ଅଙ୍କୁ ଏକ କାଠ ପ୍ରଦାନ କଲେ ଏବଂ କହିଲେ, ହେ ଉକ୍କାଶା ! ତୁମେ ଏହି କାଠ ସାହାଯ୍ୟରେ ଅବିଶ୍ୱାସାକାରୀମାନଙ୍କ ସହିତ ଯୁଦ୍ଧ କର । ଉକ୍କାଶା ଉକ୍ତ କାଠକୁ ଧରି ଖଡ଼୍‌ଗ ପରି ଚଳାଇ ବ୍ୟବହାର କଲେ । ସେହି କାଠଟି ଆପଣ ର.ଅଙ୍କ ହସ୍ତରେ ଖଡ଼୍‌ଗ ପରି ହୋଇଗଲା ଏବଂ ଉକ୍ତ କାଷ୍ଠ (କାଠ)ଟିର ଲୌହ ମୁଠା ଅତ୍ୟନ୍ତ ସକ୍ତ ଥିଲା ଏବଂ ତା'ର ରଙ୍ଗ ଧବଳ (ଧଳା) ବର୍ଣ୍ଣ ଥିଲା। ଆପଣ ସ.ଅ ସେହି କାଷ୍ଠ ଦ୍ୱାରା ଯୁଦ୍ଧ କରି ଚାଲିଲେ, ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ । ବର୍ଣ୍ଣନାକାରୀ କୁହନ୍ତି: ଉକ୍ତ ଖଡ଼୍‌ଗର ନାମ ଔନ୍ ଥିଲା । ପରବର୍ତ୍ତୀ ଯୁଦ୍ଧମାନଙ୍କରେ ମଧ୍ୟ ଉକ୍କାଶା ର.ଅ ସେହି ଖଡ଼୍‌ଗ ସାହାଯ୍ୟରେ ସାହାସିକତାର ଅଦମ୍ୟ ତଥା ଅପୂର୍ବ ପରିଚୟ ଦେଇ ଯୁଦ୍ଧ କରୁଥିଲେ। ଏପର୍ଯ୍ୟନ୍ତକି ମୁସୈଲ୍‌ମା କଜ୍ଜାବ୍ ସହିତ ଯୁଦ୍ଧ କରି ସେ ବୀର ଗତି ପ୍ରାପ୍ତ କଲେ । **(ସିରତ୍ ଇବ୍‌ନେ ହିଶ୍ଶାମ, ପୃ-434, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍,**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢ଼ିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 11 APRIL 2024 Issue No.-15

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ବୈରୁତ୍-2001 ମସିହା)**

ପୁନଶ୍ଚ ଏକ ଚମତ୍କାରର ଚର୍ଚ୍ଚା ଆଁହଜରତ ସ.ଅଙ୍କ ପବିତ୍ର ଲାଳ ଏବଂ ପୁଣ୍ୟ ହସ୍ତ ରୂପେ ମଧ ମିଳେ । ହ. କତାଦା ର.ଅ ବର୍ଣ୍ଣନା କରନ୍ତି ଯେ, ବଦର୍ ଯୁଦ୍ଧ ଦିନ ତାଙ୍କ ଆଖିରେ ଆଘାତ ଲାଗିଥିଲା ଏବଂ ତାଙ୍କ ଆଖି ଗାଲ ପର୍ଯ୍ୟ ବାହାରକୁ ବାହାରି ଆସିଥିଲା । କତାଦା ର.ଅ ସେହି ଚକ୍ଷୁକୁ କାଢି ବାହାରକୁ ଫିଙ୍ଗି ଦେବା ପାଇଁ ଇଚ୍ଛା ପ୍ରକାଶ କଲେ । ସାହାବାମାନେ ଆଁହଜରତ ସ.ଅଙ୍କୁ ତତ୍‌ସଂକ୍ରାନ୍ତରେ ଜଣାଇଲେ। ତେବେ ହଜରତ ସ.ଅ କହିଲେ, ନା ନା ଏପରି କରିବ ନାହିଁ । ସୁତରାଂ ଆପଣ ସ.ଅ ହ. କତାଦା ର.ଅଙ୍କୁ ନିଜ ନିକଟକୁ ଡକାଇଲେ ଏବଂ ନିଜ ପାପୁଲି ଉପରେ ଆଖି ରଖି ତାହାକୁ ତା' ସ୍ଥାନରେ ରଖିଦେଲେ । ଅର୍ଥାତ ଆଖିର ଡୁଳାଟିକୁ ଆଖି ଭିତରେ ବସାଇ ଦେଲେ । ହ. କତାଦା ର.ଅ କୁହନ୍ତି ଯେ, ତାଙ୍କୁ ମନେ ନାହିଁ ଯେ, ତାଙ୍କ ଆଖିକୁ କେବ କଷ୍ଟ ହୋଇଥିଲା । ପୁନଶ୍ଚ ଏହାପରେ ଚକ୍ଷୁ ଏମିତି ସଂଲଗ୍ନ ହୋଇଗଲା ଯେ, ତାହା ସଂପୂର୍ଣ୍ଣ ରୂପେ ଠିକ୍ ହୋଇଗଲା । ହ. କତାଦା ର.ଅଙ୍କୁ ଏହା ପ୍ରତିତି ହେଲା ନାହିଁ ଯେ, ଏଇଟା ସେହି ଚକ୍ଷୁ ଯାହା ବାହାରକୁ ବାହାରି ଆସିଥିଲା ଏବଂ ଉକ୍ତ ଚକ୍ଷୁଟି ଅନ୍ୟ ଚକ୍ଷୁ ତୁଳନାରେ ସର୍ବାଧିକ ସୁନ୍ଦର ପ୍ରତିତ ହେଉଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-53, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-1993 ମସିହା)** କେତେକ ପୁସ୍ତରେ ଚକ୍ଷୁ ସଂପୂର୍ଣ୍ଣ ଆରୋଗ୍ୟ ଲାଭ ହେବାର ଉକ୍ତ ଘଟଣାଟି ୱହୋଦ୍ ଯୁଦ୍ଧର ବୋଲି ବର୍ଣ୍ଣନା କରାଯାଇଛି । କେତେକ ବ୍ୟକ୍ତି କୁହନ୍ତି ଯେ, ଉକ୍ତ ଘଟଣାଟି ଖନ୍ଦକ୍ ଯୁଦ୍ଧର ଘଟଣା ଅଟେ । **(ଉସ୍‌ଦୁଲ୍ ଗାବା, ଭାଗ-4, ପୃ-371, କତାଦା ବିନ୍ ନୁମାନ୍ ଅନ୍‌ସାରୀ ର.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2016 ମସିହା)**

କିନ୍ତୁ ସେ ଯାହା ହେଉ ଉକ୍ତ ଘଟଣାଟି ବଦର୍ ଯୁଦ୍ଧ ପ୍ରସଙ୍ଗରେ ମଧ ବର୍ଣ୍ଣନା ହୋଇଛି । ମକ୍କାରେ ଅବଜ୍ଞାକାରୀମାନଙ୍କର ପରାଜୟର ସୂଚନା କିପରି ପହଞ୍ଚିଲା ତାହାର ଚର୍ଚ୍ଚା ଏହିପରି ମିଳେ ଯେ, ଅବଜ୍ଞାକାରୀମାନେ ବଦର୍ ଭୂମିରୁ ଅସଂହତ ଏବଂ ଅସଂଯତ ଅବସ୍ଥାରେ ପଳାୟନ କରି, ବିକ୍ଷିପ୍ତ ହୋଇ, ଘାବରେଇ ଯାଇ ମକ୍କା ଅଭିମୁଖେ ପଳାୟନ କଲେ । ଲଜ୍ଜା, ଅନୁଶୋଚନା ଏବଂ ଅନୁତପ୍ତ ଯୋଗୁଁ ସେମାନେ ବୁଝିପାରୁ ନଥିଲେ ଯେ, ସେମାନେ ମକ୍କାରେ କିପରି ପ୍ରବେଶ କରିବେ?

ମକ୍କାବାସୀଙ୍କୁ କୁରୈଶ୍‌ମାନଙ୍କର ପରାଜୟ ସଂପର୍କରେ ଯେଉଁ ବ୍ୟକ୍ତି ସୂଚନା ସର୍ବ ପ୍ରଥମେ ଦେଇଥିଲା ସେ ଥିଲା ହୈସ୍‌ମାନ୍ ବିନ୍ ଅୟାସ୍ ବିନ୍ ଅବ୍‌ଦୁଲ୍ଲାଃ । ଉକ୍ତ ବ୍ୟକ୍ତି ଜଣକ ପରବର୍ତ୍ତୀ ସମୟରେ ମୁସଲମାନ ହୋଇଯାଇଥିଲା । ଲୋକମାନେ ତା'କୁ (ହୈସ୍‌ମାକୁ) ପଚାରିଲେ, ହେ ହୈସ୍‌ମା ! ଆଉ ଯୁଦ୍ଧର କ'ଣ ଖବର ସବୁ? ସେ କହିଲା, ଉତ୍‌ବା ବିନ୍ ରବିୟାହ୍, ଶୈବା ବିନ୍ ରବିୟାହ୍, ଅବୁଲ୍ ହକମ୍ ବିନ୍ ହଶ୍ଶାମ୍ ଅର୍ଥାତ୍ ଅବୁ ଜହଲ୍ ଏବଂ ଉମୈୟାହ୍ ବିନ୍ ଖଲ୍‌ଫ୍ ଓ ଅତିରିକ୍ତ କେତୋଟି ଅଧିପତିଙ୍କର ନାଁ ନେଇ କହିଲା, ଏମାନେ ସମସ୍ତେ ନିହତ ହୋଇଛନ୍ତି । ହୈସ୍‌ମା ଯେତେବେଳେ ନିହତ ହୋଇଥିବା କୁରୈଶ୍‌ର ଅଧିପତିମାନଙ୍କର ନାଁ ନେବା ଆରମ୍ଭ କଲା ସେତେବେଳେ ଲୋକମାନେ ଉକ୍ତ କଥା ଉପରେ ବିଶ୍ୱାସ କଲେ ନାହିଁ । ଲୋକମାନଙ୍କୁ ବିଶ୍ୱାସ ହେଲା ନାହିଁ ଯେ, ଏପରି ଘଟିଥିବ । ସଫ୍‌ୱାନ୍ ବିନ୍ ଉମୈୟା ଯିଏ ହତିମରେ ବସିଥିଲା ସେ ଉକ୍ତ କଥା ଶୁଣି କହିଲା, କଥାଟା ଆଦୌ ବୁଝି ହେଉ ନାହିଁ ଯେ, ସମ୍ଭବତଃ ଏହି ବ୍ୟକ୍ତି ଜଣକ ପାଗଳ ହୋଇଯାଇଛି। ପରୀକ୍ଷା ସ୍ୱରୂପ ତା'କୁ ଥରେ ପଚାର ଯେ, ସଫୱାନ୍ ବିନ୍ ଉମୈୟାହ୍ କେଉଁଠି ? ଲୋକମାନେ ପଚାରିଲେ ଯେ, ସଫୱାନ୍ ବିନ୍ ଉମୈୟାହ୍‌ର କ'ଣ ହେଲା ? ସେ କହିଲା, ହେଇ ଦେଖ ସେ ତ' ହତିମରେ ବସିଛି । ମୁଁ ପାଗଳ ନୁହେଁ । ମୁଁ ସବୁ କିଛି ଦେଖି ପାରୁଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ତା'ର ପିତା ଓ ତା'ର ଭାଇକୁ ନିହତ ହେଉଥିବାର ମୁଁ ସ୍ୱଚକ୍ଷୁରେ ଦେଖିଅଛି । ଅର୍ଥାତ୍ ଉକ୍ତ କଥା ଶୁଣି ସେମାନଙ୍କୁ ବିଶ୍ୱାସ ହୋଇଗଲା ଯେ, ଉକ୍ତ ବ୍ୟକ୍ତି ଜଣକ ସତ୍ୟ ସୂଚନା ଦେଉଛି । ସୁତରାଂ ଏହିପରି ଭାବରେ ମକ୍କାବାସୀଙ୍କୁ ବଦର୍ ଯୁଦ୍ଧର ଖୋଲମଖୋଲା ପରାଜୟର ସୂଚନା ପ୍ରାପ୍ତ ହେଲା ଏବଂ ତାଙ୍କ ସ୍ୱଭାବ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଲା । ଏପର୍ଯ୍ୟନ୍ତ କି ସେମାନେ ମୃତାହତଙ୍କ ଉପେର ରୋଦନ ଏବଂ ବିଳାପ କରିବାକୁ ବାରଣ କରି ଦେଇଥିଲେ । କାରଣ ମୁସଲମାନମାନଙ୍କୁ ଅବଜ୍ଞାକାରୀଙ୍କ ଦୁଃଖ ଯୋଗୁଁ ଆନନ୍ଦିତ ହେବାର ସୁଯୋଗ ଯେପରି ନମିଳୁ । **(ଅର୍ ରହିକୁଲ୍ ମଖ୍‌ତୁମ୍, ପୃ-307-308, ମକ୍‌ତବତୁସ୍ ସଲ୍‌ଫିୟା) (ଉସ୍‌ଦୁଲ୍ ଗାବା, ଭାଗ-2, ପୃ-102, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2003 ମସିହା)**

ମକ୍କାର କୁରୈଶ୍‌ମାନଙ୍କ ମଧ୍ୟରୁ କେତେକ ଲୋକ ନିଜର ମୃତ ଆତ୍ମୀୟ ସ୍ୱଜନଙ୍କ ଉପରେ ରୋଦନ ଏବଂ ବିଳାପ କରିବାରୁ ଅନ୍ୟ ଲୋକମାନେ ସେମାନଙ୍କୁ କହିଲେ, ହେ କୁରୈଶବାସୀ ! ମୁହମ୍ମଦ ସ.ଅ ଓ ତାଙ୍କର ସାହାବାମାନଙ୍କୁ ଯେତେବେଳେ ଉକ୍ତ ସୂଚନାଟି ପ୍ରାପ୍ତ ହେବ ସେତେବେଳେ ସେମାନେ ତୁମମାନଙ୍କର ଏହି ଅବସ୍ଥା ଉପରେ ପ୍ରସନ୍ନ ହେବେ । ଯେପର୍ଯ୍ୟନ୍ତକି ତୁମେମାନେ ସେମାନଙ୍କ ସଂପର୍କରେ ଭଲ ଭାବରେ ବିଚାର ବିମର୍ଷ କରନେଇ ନାହଁ । ସେପର୍ଯ୍ୟନ୍ତ ତୁମେ ନିଜର ବନ୍ଦୀ ବନ୍ଧୁ ପରିଜନଙ୍କୁ ମୁକୁଳାଇବା ପାଇଁ କାହାରିକୁ ପ୍ରେରଣ କର ନାହିଁ । ତୁମେମାନେ ନା ରୋଦନ ଏବଂ ବିଳାପ କରିବ ଓ ନା ହିଁ ନିଜର ବନ୍ଦୀ ହୋଇଥିବା ବନ୍ଧୁ ପରିଜନଙ୍କୁ ମୁକୁଳାଇବା ନିମନ୍ତେ ଉଦ୍ୟମ କରିବ । କାରଣ ମୁହମ୍ମଦ ସ.ଅ ଓ ଆପଣଙ୍କର ସାହାବାମାନେ ଫିଦିୟା ପ୍ରସଙ୍ଗରେ ତୁମ ପ୍ରତି କୌଣସି କଠୋରତା ଯେପରି ପ୍ରଦର୍ଶ ନକରନ୍ତୁ । **(ସିରତ୍ ଇବ୍‌ନେ ହିଶ୍ଶାମ, ପୃ-441, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ମଦିନାବାସୀଙ୍କୁ ବିଜୟର ଶୁଭସୂଚନା କିପରି ପ୍ରାପ୍ତ ହେଲା ଏବଂ ଏହାର ପ୍ରତିକ୍ରିୟା କ'ଣ ଥିଲା ? ତତ୍‌ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ ଅୱାଲି ମଦିନା ଅର୍ଥାତ୍ ମଦିନାର ଉପରମୁଣ୍ଡ ଆଡ଼କୁ ଓ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ ମଦିନାର ଉପାନ୍ତ ଅଭିମୁଖେ ଉକ୍ତ କଥାର ଶୁଭସୂଚନା ଦେବା ନିମନ୍ତେ ପ୍ରେରଣ କରିଥିଲେ । ଏହି ବିଜୟ ଅଲ୍ଲାଃତାଲା ନିଜର ପ୍ରିୟ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କୁ ପ୍ରଦାନ କରିଥିଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-437-438, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ବର୍ଣ୍ଣନା କରନ୍ତି, ଆମକୁ ଉକ୍ତ ସୂଚନାଟି ସେତେବେଳେ ପ୍ରାପ୍ତ ହେଲା ଯେତେବେଳେ ଆମେମାନେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ପତ୍ନୀ ହ. ରୁକୈୟାହ୍ ବିନତ୍ ରସୁଲୁଲ୍ଲାଃ ସ.ଅଙ୍କ କବର ଉପରେ ମାଟି ଦେଇ କବରକୁ ସମାନ କରୁଥିଲୁ । ହ. ରୁକୈୟାହ୍ ର.ଅଙ୍କର ଅକାଳ ବିୟୋଗ ଘଟିଥିଲା । ଆଁହଜରତ୍ ସ.ଅ ମୋତେ (ହ. ଉସ୍ୱାମା ବିନ୍ ଜୈଦ୍‌ଙ୍କୁ) ମଧ ହ. ଉସ୍‌ମାନ୍ ର.ଅଙ୍କ ସହିତ ହ. ରୁକୈୟାହ୍ ର.ଅଙ୍କ ଖବର ନେବାକୁ ପଛରେ ଛାଡ଼ି ଯାଇଥିଲେ । ମୁଁ ନିଜର ପିତା ଜୈଦ୍ ବିନ୍ ହାର୍‌ସାଙ୍କ ପଟୁ ସେତେବେଳ ଆସିଲି ଯେତେବେଳେ ଲୋକମାନେ ଆପଣଙ୍କୁ ଘେରିଥିଲେ । ସେ କହୁଥିଲେ, ଉତ୍‌ବା ବିନ୍ ରବିୟାହ୍, ଶୈବା ବିନ୍ ରବିୟାହ୍, ଅବୁ ଜହଲ୍ ବିନ୍ ହିଶ୍ଶାମ୍, ଜମଆ ବିନ୍ ଅସ୍‌ୱଦ୍, ଅବୁଲ୍ ବଖ୍‌ତରୀ, ଆସ ବିନ୍ ହିଶ୍ଶାମ୍, ଉମୈୟାହ୍ ବିନ୍ ଖଲ୍‌ଫ୍, ହଜ୍ଜାଜ୍‌ର ଦୁଇ ପୁତ୍ର ନୁବିୟାହ୍ ଏବଂ ମୁନବ୍‌ବାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଦିଆଯାଇଛି । (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-438, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)

ମଦିନାରେ ଏହି ପରିସ୍ଥିତି ଥିଲା ଯେ, କପଟବିଶ୍ୱାସୀ ଏବଂ ଇହୁଦୀମାନେ ଗୁଜବ ପ୍ରଚାର କରି ରଖିଥିଲେ ଯେ, ମୁସଲମାନମାନେ ଅତି ଶୋଚନୀୟ ଭାବରେ ପରାଜିତ ହୋଇଛନ୍ତି ଏବଂ **ନାଊଜୁବିଲ୍ଲାଃ** ମୁହମ୍ମଦ ସ.ଅ ମଧ ମୃତ୍ୟୁବରଣ କରିଛନ୍ତି। ଏହି ଗୁଜବର ଅନ୍ଧକାରରେ ହ. ଜୈଦ୍ ର.ଅ ଆଁହଜରତ ସ.ଅଙ୍କ ଓଟ ଉପରେ ବସି ମଦିନାରେ ଯେତେବେଳେ ପ୍ରବେଶ କଲେ ସେତେବେଳେ ଇହୁଦୀମାନେ ଏବଂ କପଟବିଶ୍ୱାସୀମାନେ ଆହୁରି ଆଗକୁ ବଢି କହିଲେ, ଦେଖିଲ ଟି ମୁହମ୍ମଦ ସ.ଅ ନିହତ ହୋଇଯାଇଛନ୍ତି ଏବଂ ଓଟ ଉପରେ ଜୈଦ୍ ର.ଅ ବସିଛନ୍ତି । ହ. ଜୈଦ୍ ର.ଅ ଯେତେବେଳେ ଏକଥା କହିବାକୁ ଲାଗିଲେ ଯେ, ଉତ୍‌ବା, ଶୈବା, ଅବୁ ଜହଲ୍, ଉମୈୟାହ୍ ଆଦି ପ୍ରମୁଖ ଅଧିପତିମାନେ ନିହତ ହୋଇଛନ୍ତି ସେତେବେଳେ କପଟବିଶ୍ୱାସୀମାନେ ଏହା କହିବାକୁ ଆରମ୍ଭ କରିଦେଲେ ଏହା କିପରି ସମ୍ଭବ? ଏପରି ପ୍ରତିତ ହେଉଛି ମୁସଲମାନମାନେ ପରାଜୟ ଏବଂ ମୁହମ୍ମଦ ସ.ଅଙ୍କ ବିୟୋଗ ଯୋଗୁଁ ଜୈଦ୍ ନିଜର ଚୈତନ୍ୟାବସ୍ଥା ହରାଇ ବସିଛନ୍ତି । ସେଇଥିପାଇଁ ସେ ଏମିତି କଥା କହୁଛନ୍ତି । ତହିଁରୁ ଏକଥା ଜ୍ଞାତ ହୁଏ ଯେ, ଅବଜ୍ଞାକାରୀଙ୍କର ଯେଉଁ ଅବସ୍ଥା ବା ପ୍ରତିକ୍ରିୟା ମକ୍କାରେ ଥିଲା ସେହି ପ୍ରତିକ୍ରିୟା କପଟବିଶ୍ୱାସୀ ଏବଂ ମଦିନାର ଇହୁଦୀମାନଙ୍କର ମଧ ଥିଲା । ହ. ଉସ୍ୱାମା ବିନ୍ ଜୈଦ୍ ର.ଅ କୁହନ୍ତି, ଏହି ସମସ୍ତ କଥା ମୁଁ ମଦିନାରେ ଶୁଣୁଥିଲି **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ......)**

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan